
୨୫ ଜାନୁଆରୀ ୨୦୨୬ ରବିବାର




# ନାସାରୁ ବିଶ୍ରାମ



ଦୀର୍ଘ ୨୭ ବର୍ଷର କ୍ୟାରିୟରରେ ପଡିଛି ପୂର୍ଣ୍ଣଚ୍ଛେଦ । ଆଷ୍ଟ୍ରୋନଟ ଗର୍ଲ ଭାବେ ପରିଚିତ ସୁନିତା ୱିଲିୟମସ ନିଜର ୨୭ ବର୍ଷର କ୍ୟାରିୟରୁ ଅବସର ଘୋଷଣା କରିଛନ୍ତି । ତାଙ୍କ କ୍ୟାରିୟର ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହି ଆସିଛି । ଜାନୁଆରୀ ୨୦ ନାସା ପକ୍ଷରୁ ଜାରି ହୋଇଥିବା ଔପଚାରିକ ଘୋଷଣାରେ ଏନେଇ ସୂଚନା ଦିଆଯାଇଛି । ତାଙ୍କର କ୍ୟାରିୟର ଅନ୍ୟ ସମସ୍ତ ମହାକାଶଚାରୀଙ୍କ ପାଇଁ ସବୁବେଳେ ପ୍ରେରଣା ଯୋଗାଇଥାଏ । ତାଙ୍କ କାର୍ଯ୍ୟ କରିବାର ଶୈଳୀ ସବୁବେଳେ ଅନ୍ୟ ମହାକାଶୀଚାରୀଙ୍କୁ କିଛି ନା କିଛି ଶିଖାଇଥାଏ ।

## ନିରନ୍ତର ପ୍ରଚେଷ୍ଟାରୁ ସଫଳତା

ସୁନିତା ୱିଲିୟମ୍ସଙ୍କ ଜୀବନ କାହାଣୀ କେବଳ ସଫଳତାର କାହାଣୀ ନୁହେଁ, ବରଂ ଏହା ଅଦମ୍ୟ ସାହସ ଏବଂ ନିରନ୍ତର ପ୍ରଚେଷ୍ଟାର ଏକ ଜ୍ୱଳନ୍ତ ଉଦାହରଣ ।

**ନିକଟରେ ଅବସର ନେଇଛନ୍ତି ସୁନିତା ୱିଲିୟମ୍ସ । ଯିଏ ବିଶ୍ୱର ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ । ଅବସର ନେବା ପରେ ମଧ୍ୟ ସେ ସମସ୍ତ ମହାକାଶଚାରୀଙ୍କ ସହ ଏହି କ୍ଷେତ୍ରରେ କାର୍ଯ୍ୟ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ନିରନ୍ତର ପ୍ରେରଣା ହୋଇ ରହିବେ ।**











୧୯ ସେପ୍ଟେମ୍ବର ୧୯୬୫ରେ ଆମେରିକାର ଓହିଓରେ ଜନ୍ମଗ୍ରହଣ କରିଥିବା ସୁନିତାଙ୍କ ପରିଚୟ ଜଣେ ଭାରତୀୟ-ସ୍ଲୋଭେନିଆନ୍ ବଂଶୋଦ୍ଭବ ଭାବେ ବେଶ୍ ଗର୍ବର ବିଷୟ। ତାଙ୍କ ପିତା ଡକ୍ଟର ଦୀପକ ପାଣ୍ଡ୍ୟା ଜଣେ ସୁନାମଧନ୍ୟ ସ୍ନାୟୁ ବିଶେଷଜ୍ଞ ଥିଲେ, ଯିଏ ତାଙ୍କୁ ସବୁବେଳେ କିଛି ନୂଆ କରିବା ପାଇଁ ପ୍ରେରଣା ଦେଉଥିଲେ । ସୁନିତା ତାଙ୍କ ଶିକ୍ଷାଗତ ଜୀବନରେ ଅତ୍ୟନ୍ତ ମେଧାବୀ ଥିଲେ । ୧୯୮୭ ମସିହାରେ ୟୁଏସ୍ ନାଭାଲ୍ ଏକାଡେମୀରୁ ଫିଜିକାଲ୍ ସାଇନ୍ସରେ ସ୍ନାତକ ହାସଲ କରିବା ପରେ ସେ ଆମେରିକୀୟ ନୌସେନାରେ ଜଣେ ଅଧିକାରୀ ଭାବେ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ ଫ୍ଲୋରିଡା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଇଞ୍ଜିନିୟରିଂ ମ୍ୟାନେଜମେଣ୍ଟରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ । ନାସାରେ ଯୋଗଦେବା ପୂର୍ବରୁ ସୁନିତା ଜଣେ ଦକ୍ଷ ପରୀକ୍ଷାମୂଳକ ପାଇଲଟ୍ ଭାବେ କାର୍ଯ୍ୟ କରୁଥିଲେ, ଯେଉଁଠାରେ ସେ ପ୍ରାୟ ୩୦ରୁ ଅଧିକ ପ୍ରକାରର ବିମାନ ଉଡ଼ାଇବାର ବିରଳ ଅଭିଜ୍ଞତା ହାସଲ କରିଥିଲେ । ୧୯୯୮ ମସିହାରେ ତାଙ୍କୁ ନାସା ଦ୍ୱାରା ମହାକାଶଚାରୀ ଭାବେ ମନୋନୀତ କରାଯାଇଥିଲା । ତାଙ୍କର ପ୍ରଥମ ମହାକାଶ ଯାତ୍ରା ୨୦୦୬ ମସିହାରେ ଆରମ୍ଭ ହୋଇଥିଲା । ସେହି ସମୟରେ ସେ ଜଣେ ମହିଳା ଭାବେ ସର୍ବାଧିକ ଥର (୭ ଥର) ମହାକାଶରେ ଚାଲିବାର ଏବଂ ଦୀର୍ଘ ସମୟ ଧରି ମହାକାଶରେ ରହିବାର ବିଶ୍ୱ ରେକର୍ଡ କରିଥିଲେ । ସୁନିତା ମୋଟ





୫୦ ଘଣ୍ଟା ୪୦ ମିନିଟ୍ ମହାକାଶରେ ଚାଲି ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଥିଲେ । ସେ ମହାକାଶ ଷ୍ଟେସନରେ ରହିବା ସମୟରେ ମାରାଥନ୍ ଦୌଡ଼ିବା ଭଳି ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ସମସ୍ତଙ୍କୁ ଚକିତ କରିଥିଲେ । ତେବେ ତାଙ୍କର ଏହି ସଫଳତା ସହଜ ନଥିଲା । ସେହି ସମୟରେ ନୌସେନା ଓ ବିଜ୍ଞାନ କ୍ଷେତ୍ରରେ ପୁରୁଷମାନଙ୍କର ପ୍ରାଧାନ୍ୟ ଅଧିକ ଥିଲା, ଯେଉଁଠାରେ ଜଣେ ମହିଳା ଭାବେ ନିଜର ସ୍ଥାନ ସ୍ୱତନ୍ତ୍ର କରିବା ପାଇଁ ତାଙ୍କୁ ବହୁତ ସଂଘର୍ଷ କରିବାକୁ ପଡ଼ିଥିଲା । ମହାକାଶରେ ଶୂନ୍ୟ ମାଧ୍ୟାକର୍ଷଣ ଯୋଗୁଁ ଶରୀରରେ ଦେଖାଯାଉଥିବା ଜଟିଳ ସମସ୍ୟା ଓ ମାନସିକ ଚାପକୁ ସେ ଅତ୍ୟନ୍ତ ଧୈର୍ଯ୍ୟର ସହ ମୁକାବିଲା କରିଥିଲେ । ନିକଟରେ ୨୦୨୪ ମସିହାରେ ବୋଇଂ ଷ୍ଟାରଲାଇନର୍ ମିଶନରେ ମହାକାଶକୁ ଯାଇଥିବା ବେଳେ ଯାନ୍ତ୍ରିକ ତ୍ରୁଟି କାରଣରୁ ତାଙ୍କର ଫେରିବାରେ ବିଳମ୍ବ ହେଉଥିଲେ ମଧ୍ୟ ସେ ନିଜର ଦୃଢ଼ ମନୋବଳ ବଜାୟ ରଖିଛନ୍ତି ।

## ଭାରତ ପ୍ରତି ରହିଛି ଦୁର୍ବଳତା

ସୁନିତା ସବୁବେଳେ ନିଜର ଭାରତୀୟ ସଂସ୍କୃତିକୁ ସମ୍ମାନ ଦେଉଥିବାର ଅନେକ ଉଦାହରଣ ରହିଛି । ମହାକାଶ ଯାତ୍ରା ସମୟରେ ସେ ନିଜ ସହ ଭଗବତ ଗୀତା ଏବଂ ଭଗବାନ ଗଣେଶଙ୍କ ମୂର୍ତ୍ତି ନେଇଯିବା ତାଙ୍କର ଆଧ୍ୟାତ୍ମିକ ବିଶ୍ୱାସ ଓ ମାତୃଭୂମି ପ୍ରତି ଥିବା ଭଲପାଇବାକୁ ଦର୍ଶାଏ । ତାଙ୍କର ଏହି ଅତୁଳନୀୟ ଅବଦାନ ପାଇଁ ଭାରତ ସରକାର ତାଙ୍କୁ ୨୦୦୮ ମସିହାରେ 'ପଦ୍ମଭୂଷଣ' ସମ୍ମାନରେ ସମ୍ମାନିତ କରିଥିଲେ । ସୁନିତା ୱିଲିୟମ୍ସ ଆଜି ବିଶ୍ୱର କୋଟି କୋଟି ଝିଅଙ୍କ ପାଇଁ ଏକ ପ୍ରେରଣା, ଯିଏ ଶିଖାଇଛନ୍ତି ଯେ ସ୍ୱପ୍ନ ଦେଖିବାର
















ସାହସ ଥିଲେ ତାହାକୁ ନିଶ୍ଚିତ ଭାବେ ପୂରଣ କରାଯାଇପାରିବ। ସେହିପରି ସେ ଯେତେବେଳେ ଭାରତ କଥା ଆସେ ସେ ନିଜକୁ ଖୁବ ଭାଗ୍ୟବାନ ମନେ କରନ୍ତି ବୋଲି ମତ ଦେଇଥାଆନ୍ତି ।

### ବୋଇଂ ଷ୍ଟାରଲାଇନର୍ ମିଶନ

ସୁନିତା ୱିଲିୟମ୍ସଙ୍କ ପାଇଁ ବୋଇଂ ଷ୍ଟାରଲାଇନର୍ ମିଶନ କେବଳ ଏକ ବୈଜ୍ଞାନିକ ଅଭିଯାନ ନୁହେଁ, ବରଂ ଏହା ତାଙ୍କ ଧୈର୍ଯ୍ୟ ଏବଂ ସାହସର ଏକ ବଡ଼ ପରୀକ୍ଷା ପାଲଟିଲା । ଏହି ମିଶନରେ ସେ ଅନେକ ଅପ୍ରତ୍ୟାଶିତ ସଂଘର୍ଷର ସମ୍ମୁଖୀନ ହୋଇଛନ୍ତି । ପ୍ରଥମତଃ, ମାତ୍ର ୮ ଦିନ ପାଇଁ ଆରମ୍ଭ ହୋଇଥିବା ଏହି ଯାତ୍ରା ଯାନ୍ତ୍ରିକ ତ୍ରୁଟି କାରଣରୁ ୯ ମାସରୁ ଅଧିକ ସମୟକୁ ବୃଦ୍ଧି ପାଇବା ଏକ ବଡ଼ ମାନସିକ ଆହ୍ୱାନ ଥିଲା । ପୂରା ଟିମ ପାଇଁ ଏହି ସମୟ ଖୁବ ସମସ୍ୟାପୂର୍ଣ୍ଣ ରହିଥିଲା । ମହାକାଶଯାନରୁ ହିଲିୟମ୍ ଗ୍ୟାସ୍ ଲିକ୍ ହେବା ଏବଂ ଥ୍ରଷ୍ଟର୍ ଅଚଳ ହେବା ଭଳି ସମସ୍ୟା ଯୋଗୁଁ ସୁନିତା ଏବଂ ତାଙ୍କ ସହଯୋଗୀ ବ୍ୟାରି ୱିଲମୋର୍‌ଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଥିଲା । ଏହା ସତ୍ତ୍ୱେ ସେ ନିଜର ମନୋବଳ ଦୃଢ଼ ରଖି ମହାକାଶ ଷ୍ଟେସନରେ ରହି ନିଜର କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ଶୂନ୍ୟ ମାଧ୍ୟାକର୍ଷଣରେ ଦୀର୍ଘ ସମୟ ରହିବା ଯୋଗୁଁ ଶରୀରର ହାଡ଼ ଏବଂ ମାଂସପେଶୀ ଦୁର୍ବଳ ହେବା ଭଳି ଶାରୀରିକ ସଂଘର୍ଷକୁ ମଧ୍ୟ ସେ ଅତି ନିକଟରୁ ଅନୁଭବ କରିଥିଲେ । ପରିବାରଠାରୁ ଦୂରରେ ଏବଂ ସୀମିତ ସମ୍ବଳ ମଧ୍ୟରେ ଏତେ ଦିନ ରହିବା ତାଙ୍କର ବୃତ୍ତିଗତ ଦକ୍ଷତାକୁ ପ୍ରମାଣିତ କରିଥିଲା। ଏହି ମିଶନର ମୁଖ୍ୟ ଲକ୍ଷ୍ୟ କେବଳ ସୁନିତାଙ୍କୁ ମହାକାଶକୁ ନେବା ନଥିଲା, ବରଂ ନାସାର "କମର୍ସିଆଲ୍ କ୍ରୁ ପ୍ରୋଗ୍ରାମ୍" ଅନ୍ତର୍ଗତ ବୋଇଂର ଷ୍ଟାରଲାଇନର୍ ମହାକାଶଯାନ ମଣିଷଙ୍କୁ ନେବା ପାଇଁ କେତେ ସୁରକ୍ଷିତ, ତାହା ପରୀକ୍ଷା କରିବା ଥିଲା । ମହାକାଶଚାରୀଙ୍କ ପାଇଁ ଏହି ମିଶନର ଏକ ବଡ଼ ଲକ୍ଷ୍ୟ ରହିଥିଲା ମହାକାଶ ଷ୍ଟେସନରେ ଚାଲିଥିବା ବିଭିନ୍ନ ବୈଜ୍ଞାନିକ ଗବେଷଣା, ଯେପରିକି ମହାକାଶରେ ଉଦ୍ଭିଦ ପାଳନ, ନୂତନ ଔଷଧର ପରୀକ୍ଷଣ ଏବଂ ସୂର୍ଯ୍ୟଙ୍କ ବିକିରଣର ପ୍ରଭାବ ଅନୁଧ୍ୟାନ କରିବା । ଏହି ଅଭିଯାନରେ ସୁନିତାଙ୍କ ଧୈର୍ଯ୍ୟ ସମସ୍ତଙ୍କୁ ପାଇଁ ଖୁବ ବଡ ପ୍ରେରଣାର ଉତ୍ସ ପାଲଟିଥିଲା ।

## କଳ୍ପନାଙ୍କ ସହ ଥିଲା ନିବିଡ଼ ସମ୍ପର୍କ

ସୁନିତା ୱିଲିୟମ୍ସ ଏବଂ ଭାରତର କଳ୍ପନା ଚାୱଲାଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ଗଭୀର ଏବଂ ସ୍ନେହପୂର୍ଣ୍ଣ ଥିଲା । ସୁନିତା, କଳ୍ପନାଙ୍କୁ ନିଜର ଜଣେ ଭଲ ବନ୍ଧୁ ତଥା ପ୍ରେରଣାର ଉତ୍ସ ଭାବେ ଗ୍ରହଣ କରିଥିଲେ । ସେମାନେ ନାସାରେ ଏକାଠି କାମ କରୁଥିବା ବେଳେ ଭାରତୀୟ ଖାଦ୍ୟ, ବିଶେଷ କରି ସିଙ୍ଗଡା ପ୍ରତି ଥିବା ଉଭୟଙ୍କ ଭଲପାଇବା ସେମାନଙ୍କ ବନ୍ଧୁତ୍ୱକୁ ଅଧିକ ଦୃଢ଼ କରିଥିଲା । ୨୦୦୩ ମସିହାରେ କୋଲମ୍ବିଆ ମହାକାଶଯାନ ଦୁର୍ଘଟଣାରେ କଳ୍ପନାଙ୍କ ମୃତ୍ୟୁ ହେବା ସୁନିତାଙ୍କ ପାଇଁ ଏକ ବଡ଼ ଆଘାତ ଥିଲା । ସୁନିତା ଆଜି ମଧ୍ୟ କଳ୍ପନାଙ୍କ ପରିବାର ସହ ନିବିଡ଼ ସମ୍ପର୍କ ରଖିଛନ୍ତି ଏବଂ ନିକଟରେ ଭାରତ ଗସ୍ତ ସମୟରେ କଳ୍ପନାଙ୍କ ମାତା ସଂଯୋଗିତା ଚାୱଲାଙ୍କୁ ଭେଟି ଥିବାର ଦେଖିବାକୁ ମିଳିଥିଲା ।

## ଅନେକ ମିସନରେ ଥିଲେ ସାମିଲ

ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ମହାକାଶ ବିଜ୍ଞାନ ଜଗତରେ ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ। ନାସାରେ ତାଙ୍କର ୨୭ ବର୍ଷର କ୍ୟାରିୟର ମଧ୍ୟରେ ସେ ତିନୋଟି ପ୍ରମୁଖ ମହାକାଶ ଅଭିଯାନ ସହିତ ଅନେକ ଛୋଟଛୋଟ ଗବେଷଣାରେ ସାମିଲ ରହିଛନ୍ତି । ସେ ମୋଟ ୬୦୮ ଦିନ ମହାକାଶରେ ବିତାଇଛନ୍ତି ଏବଂ ୯ ଥର ସ୍ପେସୱାକ୍ କରିବାର ରେକର୍ଡ ମଧ୍ୟ କରିଛନ୍ତି ।

### ୧. ଏକ୍ସପେଡିସନ୍ ୧୪ ଏବଂ ୧୫ (୨୦୦୬-୨୦୦୭)


ସୁନୀତା ୱିଲିୟମ୍ସ ତାଙ୍କର ପ୍ରଥମ ମହାକାଶ













ଯାତ୍ରା ୯ ଡିସେମ୍ବର ୨୦୦୬ରେ 'ଡିସକଭରୀ' ମହାକାଶ ଯାନ ଜରିଆରେ ଆରମ୍ଭ କରିଥିଲେ । ଏହି ମିଶନରେ ସେ ପ୍ରାୟ ୧୯୫ ଦିନ ମହାକାଶରେ ରହିଥିଲେ ଏବଂ ୪ ଥର ସ୍ପେସୱାକ୍ କରି ସେ ସମୟର ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ । ଏପରିକି ସେ ମହାକାଶରେ ମାରାଥନ୍ ଦୌଡ଼ିବାରେ ମଧ୍ୟ ପ୍ରଥମ ବ୍ୟକ୍ତି ହୋଇଥିଲେ, ଯେଉଁଠାରେ ସେ ଟ୍ରେଡମିଲ୍ ସାହାଯ୍ୟରେ ବୋଷ୍ଟନ୍ ମାରାଥନ୍ ସମ୍ପୂର୍ଣ୍ଣ କରିଥିଲେ ।

## ୨. ଏକ୍ସପେଡିସନ୍ ୩୨ ଏବଂ ୩୩ (୨୦୧୨)

ସେ ତାଙ୍କର ଦ୍ୱିତୀୟ ଅଭିଯାନ ୧୪ ଜୁଲାଇ ୨୦୧୨ରେ ରୁଷୀୟ 'ସୟୁଜ୍' ମହାକାଶ ଯାନରେ ଆରମ୍ଭ କରିଥିଲେ । ଏହି ମିଶନ ସମୟରେ ସେ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନର କମାଣ୍ଡର ଭାବରେ ଦାୟିତ୍ୱ ତୁଲାଇଥିଲେ । ସେ ମହାକାଶରେ ୩ ଥର ସ୍ପେସୱାକ୍ କରିବା ସହ ବିଶ୍ୱର ପ୍ରଥମ ବ୍ୟକ୍ତି ଭାବେ ମହାକାଶରେ 'ଟ୍ରାଇଥଲନ୍' ସମ୍ପୂର୍ଣ୍ଣ କରି ଏକ ନୂଆ ଇତିହାସ ରଚିଥିଲେ ।

## ୩. ବୋଇଂ ଷ୍ଟାରଲାଇନର ଏବଂ ଏକ୍ସପେଡିସନ୍ ୭୧/୭୨ (୨୦୨୪-୨୦୨୫)

ସୁନୀତା ତାଙ୍କର ଶେଷ ମିଶନ ଜୁନ୍ ୨୦୨୪ରେ ବୋଇଂର ପ୍ରଥମ କ୍ରୁଡ୍ ଷ୍ଟାରଲାଇନର ବିମାନର ପାଇଲଟ୍ ଭାବେ ଆରମ୍ଭ କରିଥିଲେ । ଯାନ୍ତ୍ରିକ ତ୍ରୁଟି କାରଣରୁ ତାଙ୍କ ରହଣି ସମୟ ବୃଦ୍ଧି ପାଇଥିଲା ଏବଂ ସେ ପୁଣି ଥରେ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନର କମାଣ୍ଡର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୯ ମାସର ରହଣି ପରେ ସେ ମାର୍ଚ୍ଚ ୨୦୨୫ରେ ସ୍ପେସଏକ୍ସ କ୍ରୁ-୯ ଜରିଆରେ ସଫଳତାର ସହ ପୃଥିବୀକୁ ଫେରିଥିଲେ ଏବଂ ଡିସେମ୍ବର ୨୦୨୫ରେ ନାସାରୁ ଅବସର ନେଇଥିଲେ ।

## ୪ . କ୍ୟାପିଲାରୀ ଫ୍ଲୋ ଏକ୍ସପେରିମେଣ୍ଟ

ସୁନୀତା ମହାକାଶରେ ତରଳ ପଦାର୍ଥର ପ୍ରବାହ ଏବଂ ଏହାର ଗତିଶୀଳତାକୁ ନେଇ ଅନେକ ପରୀକ୍ଷଣ କରିଥିଲେ । ଏହି ଅଧ୍ୟୟନ ଭବିଷ୍ୟତର ମହାକାଶଯାନଗୁଡ଼ିକରେ ଇନ୍ଧନ ଟାଙ୍କି ଏବଂ ଜଳ ପରିଚାଳନା ପ୍ରଣାଳୀକୁ ଅଧିକ ଉନ୍ନତ କରିବାରେ ସାହାଯ୍ୟ କରିବ ।

## ୫ . ମହାକାଶରେ ବଗିଚା କାମ

ସେ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନରେ 'ରେଡ୍ ରୋମେନ୍ ଲେଟ୍ୟୁସ୍' ଭଳି ଗଛ ଲଗାଇବା ଏବଂ ସେଗୁଡ଼ିକର ଅଭିବୃଦ୍ଧି ଅନୁଧ୍ୟାନ କରିଥିଲେ । ଏହି ପରୀକ୍ଷଣର ମୁଖ୍ୟ ଲକ୍ଷ୍ୟ ହେଉଛି ମହାକାଶଚାରୀମାନେ କିପରି ମହାକାଶରେ ନିଜ ପାଇଁ ତାଜା ଖାଦ୍ୟ ଉତ୍ପାଦନ କରିପାରିବେ ।



## ୬ . ରୋବୋଟିକ୍ସ ଏବଂ ଆଷ୍ଟ୍ରୋବି

ସୁନୀତା ମହାକାଶ ଷ୍ଟେସନରେ 'ଆଷ୍ଟ୍ରୋବି' ନାମକ ଉଡ଼ନ୍ତା କ୍ୟୁବ୍ ରୋବୋଟ୍‌ଗୁଡ଼ିକର ପରୀକ୍ଷଣ କରିଥିଲେ । ଏହି ରୋବୋଟ୍‌ଗୁଡ଼ିକ ମହାକାଶରେ ମରାମତି କାମ କରିବା ଏବଂ ମହାକାଶରୁ ଅଳିଆ ସଫା କରିବାରେ ବ୍ୟବହୃତ ହୋଇପାରିବ ।

## ୭ . ମାନବ ଶରୀର ଉପରେ ଗବେଷଣା

ଦୀର୍ଘ ସମୟ ଧରି ଶୂନ୍ୟ ମହାକାଶରେ ରହିଲେ ମଣିଷର ହାଡ଼, ମାଂସପେଶୀ ଏବଂ ଦୃଷ୍ଟିଶକ୍ତି ଉପରେ କି ପ୍ରଭାବ ପଡ଼େ, ସେ ବିଷୟରେ ସେ ଅନେକ ଜୈବିକ ପରୀକ୍ଷଣ କରିଥିଲେ । ଏଥିପାଇଁ ସେ ନିଜ ଶରୀରର ବିଭିନ୍ନ ନମୁନା ସଂଗ୍ରହ କରି ଗବେଷଣାରେ ସହଯୋଗ କରିଥିଲେ ।

## ୮ . ନିମୋ ମିଶନ

ନାସାର ମୁଖ୍ୟ ମିଶନ ପୂର୍ବରୁ ସେ 'ନିମୋ-୨' ଅଭିଯାନରେ ସାମିଲ ହୋଇଥିଲେ । ଏହି ମିଶନରେ ସେ ସମୁଦ୍ର ମଧ୍ୟରେ ଏକ ପାଣିତଳ ଗବେଷଣାଗାରରେ ୯ ଦିନ ବିତାଇ ମହାକାଶ ପରିବେଶର ଅଭ୍ୟାସ କରିଥିଲେ ।







# ଟ୍ରେଣ୍ଡିଂ କଲର

ଫ୍ୟାଶନ, ଘର ସଜ୍ଜା ଏବଂ ଡିଜାଇନ୍ ଦୁନିଆରେ ପ୍ରତିବର୍ଷ କିଛି ନିର୍ଦ୍ଦିଷ୍ଟ ରଙ୍ଗ ଟ୍ରେଣ୍ଡରେ ରହିଥାଏ । ତେବେ ବିଗତ ବର୍ଷ ସହିତ ଚଳିତ ବର୍ଷ ଆରମ୍ଭରୁ ମଧ୍ୟ କିଛି ରଙ୍ଗ ଏଭଳି ଅଛି ଯାହା ଟ୍ରେଣ୍ଡରେ ରହୁଛି । ଆସନ୍ତୁ ସେହିଭଳି କିଛି ରଙ୍ଗ ସମ୍ପର୍କରେ ଜାଣିବା ।



## କ୍ଲାଉଡ୍ ଡ୍ୟାନସର

ପାଣ୍ଟୋନ୍ କମ୍ପାନୀ ଅନୁଯାୟୀ, ୨୦୨୬ ପାଇଁ କ୍ଲାଉଡ ଡ୍ୟାନସରକୁ ଟ୍ରେଣ୍ଡିଂ କଲର ଭାବେ ଘୋଷଣା କରାଯାଇଛି । ଏହି 'ସଫ୍ଟ ହ୍ୱାଇଟ୍' ରଙ୍ଗକୁ ୨୦୨୬ର ରଙ୍ଗ ଭାବେ ଘୋଷଣା କରାଯାଇଛି । ଏହା ସ୍ୱଚ୍ଛତା, ସରଳତା ଏବଂ ଏକ ନୂଆ ଆରମ୍ଭର ପ୍ରତୀକ ।

## ଟ୍ରାନ୍ସଫର୍ମେଟିଭ୍ ଟିଲ୍

ଅନେକ ଡିଜାଇନ୍ ସଂସ୍ଥା ଅନୁଯାୟୀ, ଏହି ନୀଳ-ସବୁଜ ମିଶ୍ରିତ ରଙ୍ଗ ଟ୍ରାନ୍ସଫର୍ମେଟିଭ୍ ଟିଲ୍ ୨୦୨୬ରେ ବହୁତ ଲୋକପ୍ରିୟ ହେବ । ଲୋକମାନେ ଏହାକୁ ଖୁବ ଭଲପାଇବା ଦେବେ ବୋଲି ଏହି କମ୍ପାନୀମାନେ ଆକଳନ କରିଛନ୍ତି । ଏହା ମାନସିକ ଶାନ୍ତି ଏବଂ ପ୍ରକୃତି ସହ ଯୋଡ଼ି ହେବାର ଅନୁଭୂତି ଦେଉଛି ।

## ଫ୍ୟୁଚରିଷ୍ଟିକ୍ ସିଲ୍ଭର୍

ସିଲଭର ରଙ୍ଗ ସମସ୍ତଙ୍କର ପ୍ରିୟ ହୋଇଥାଏ । ଟେକ୍ନୋଲୋଜି ଏବଂ ଏଆଇର ପ୍ରଭାବ ଯୋଗୁ ରୂପେଲି ରଙ୍ଗ ମଧ୍ୟ ଫ୍ୟାଶନରେ ଟ୍ରେଣ୍ଡ କରିବ ବୋଲି ଆକଳନ କରାଯାଇଛି । ଏହା ଯୁବପିଢିଙ୍କୁ ଖୁବ ପସନ୍ଦ ଆସିବ ବୋଲି ବଡବଡ ଡିଜାଇନର ମାନେ ଆଶା ରଖିଛନ୍ତି ।

## ୱାର୍ମ ୟୁକାଲିପଟାସ୍

ଘର ସଜାଇବା ବେଳେ ପ୍ରଥମେ ରଙ୍ଗ କଥା ମୁଣ୍ଡକୁ ଆସିଥାଏ । ଏହି କ୍ଷେତ୍ରରେ ମାଟିଆ-ସବୁଜ ରଙ୍ଗ ୨୦୨୬ର ଟ୍ରେଣ୍ଡ ହେବ ବୋଲି ଆକଳନ କରାଯାଇଛି । ଘର ଭିତର ସଜ୍ଜା ପାଇଁ ଏକ ପ୍ରମୁଖ ପସନ୍ଦ ହେବାକୁ ଯାଉଛି ।
ଅନେକ ଲୋକ ଏହାକୁ ପସନ୍ଦ କରିବେ ବୋଲି ଆଲୋଚନା ହେଉଛି ।

## ମୋକା ମାଉସ୍

୨୦୨୬ ଭଳି ୨୦୨୫ ପାଇଁ ପାଣ୍ଟୋନ୍ ମୋକା ମାଉସକୁ ଟ୍ରେଣ୍ଡି ରଙ୍ଗ ଚୟନ କରିଥିଲା । ଏହି ଚକୋଲେଟ୍ ମାଟିଆ ରଙ୍ଗ ଶରୀରକୁ ଆରାମ ଏବଂ ମନକୁ ଶାନ୍ତି ଦେଇଥାଏ ।
ଲୋକେ ଏହାକୁ ଖୁବ ପସନ୍ଦ କରିଥିଲେ ।

## ଫ୍ୟୁଚର ଡସ୍କ

୨୦୨୫ର ଆଉଏକ ରଙ୍ଗ ଫ୍ୟୁଚର ଡସ୍କକୁ ଟ୍ରେଣ୍ଡି ରଙ୍ଗ ତାଲିକାରେ ସାମିଲ କରାଯାଇଥାଏ । ଏହା ଏକ ଗାଢ଼ ବାଇଗଣୀ ଏବଂ ନୀଳ ରଙ୍ଗର ମିଶ୍ରଣ ।

## ବଟର ୟେଲୋ

ହାଲୁକା ହଳଦିଆ ରଙ୍ଗ ୨୦୨୫ରେ ଉଭୟ ଫ୍ୟାଶନ ଏବଂ ଇଣ୍ଟିରିୟର ଡିଜାଇନ୍‌ରେ ଖୁବ୍ ଲୋକପ୍ରିୟ ହୋଇଥିଲା । ସମସ୍ତେ ଆଗ ବଟର ୟେଲୋକୁ ଖୋଜିଥିଲେ ।

## ଚେରି ରେଡ୍

ଗଭୀର ନାଲି ରଙ୍ଗ ସାହସ ଏବଂ ଶକ୍ତିର ପ୍ରତୀକ ଭାବରେ ବ୍ୟବହୃତ ହେଉଛି । ତେଣୁ ସମସ୍ତଙ୍କ ଭିତରେ ଏହି ଚେରି ରେଡ ପାଇଁ ଖୁବ ଭଲପାଇବା ଦେଖିବାକୁ ମିଳିଥିଲା । ବିଶେଷଭାବେ ମହିଳାଙ୍କର ପ୍ରଥମ ପସନ୍ଦ ଏହି ରଙ୍ଗ ପାଲଟିଥିଲା ।





## ମୃଣାଳ

mrinalchatterjeeiimc
@gmail.com

## ଶିଲଂ

ଏହା ଭିତରେ ମୁଁ କେଇଦିନ ପାଇଁ ଗୌହାଟି, ଶିଲଂ ଆଉ ଚେରାପୁଞ୍ଜି ଯାଇଥିଲି । ଆସାମ ଆଉ ମେଘାଳୟ ପଡ଼ୋଶୀ ରାଜ୍ୟ । ଆସାମର ରାଜଧାନୀ ଗୌହାଟି ଆଉ ମେଘାଳୟର ରାଜଧାନୀ ହେଲା ଶିଲଂ । ପରିଷ୍କାର ପରିଚ୍ଛନ୍ନତା ଦୃଷ୍ଟିରୁ ସାରା ମେଘାଳୟ, ବିଶେଷ କରି ଶିଲଂ ଭାରତର ବୋଧହୁଏ ସବୁଠୁ ଆଗୁଆ ରାଜ୍ୟ । ସେଠି ରାସ୍ତାରେ ଅଳିଆ ଆବର୍ଜନା ପଡିଥିବାର ଦେଖିବେ ନାହିଁ । ପ୍ଲାଷ୍ଟିକ ପଲିଥିନ ବ୍ୟବହାରରେ ସେଠି ଅନେକ କଟକଣା । ଲୋକେ ବି ଖୁବ ସଚେତନ । ଆସାମ କିନ୍ତୁ ଆମ ଓଡ଼ିଶା ବା ବିହାର ବା ପଶ୍ଚିମବଙ୍ଗ ଭଳିଆ । ଶିଲଂରୁ ଫେରିଲାବେଳେ ଭାବୁଥିଲି - ସେଠି ଯାହା ହୋଇ ପାରୁଛି ଅନ୍ୟ ଜାଗାରେ ତାହା କାହିଁକି ହୋଇ ନ ପାରୁଛି ?




**(ଶିଲଂର ପୋଲିସ ବଜାର । ଫଟୋ: ମୃଣାଳ)**

# ସ୍ୱଚ୍ଛ ଭାରତ ଓ ସାମାଜିକ ସୌଜନ୍ୟ




ଆସନ୍ତା କାଲି ଆମେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିବୁ । ସାରା ଦେଶରେ ତ୍ରିରଙ୍ଗା ଉଡ଼ିବ । ଜାତୀୟ ସଂଗୀତ ଗାନ କରାହେବ । ଦେଶର ଉନ୍ନତି ପାଇଁ ଆମେ କେମିତି ନିଜକୁ ଉତ୍ସର୍ଗ କରିବା ଉଚିତ- ତାହା ନେତାମାନେ ଭାଷଣରେ କହିବେ । ଆମେ ବି ଦେଶର ଉନ୍ନତି କରିବାର ବାଟ ଖୋଜିବୁ । ଦେଶ ହିତ ପାଇଁ ମୁଁ ଗୋଟେ ଛୋଟିଆ ଅନୁରୋଧ କରିବି- ଦୟା କରି ଯେଉଁଠି ପାର ସେଠି ଅଳିଆ ଆବର୍ଜନା ପକାନ୍ତୁ ନାହିଁ, ଯେଉଁଠି ପାର ସେଠି ପାନ-ଗୁଟଖା ଛେପ ପକାନ୍ତୁ ନାହିଁ । ଏ ଦୁଇଟି ଆମର ଜାତୀୟ ବେମାରୀ ହେଲାଣି । ଆଉ କାହା କଥା କ'ଣ କହିବା- କିଛିଦିନ ତଳେ ଉତ୍ତରପ୍ରଦେଶ ବିଧାନସଭାର ବାଚସ୍ପତି ବିଧାୟକମାନଙ୍କୁ ପାନ ଓ ଗୁଟଖା ଖାଇ କାନ୍ଥବାଡ଼ରେ ଛେପ ନ ପକେଇବାପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ । ଓଡ଼ିଶାରେ ଅଧିକାଂଶ ସରକାରୀ ଅଫିସ, ବେଶ୍ କିଛି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳ, ଅଫିସ ଏପରିକି ଶ୍ରେଣୀକକ୍ଷ କାନ୍ଥରେ ବି ପାନ ଗୁଟଖା ଛେପ ଦେଖିବେ । ଦକ୍ଷିଣ ଭାରତର କେତୋଟି ରାଜ୍ୟ ଆଉ ମେଘାଳୟ ଭଳି ଉତ୍ତରପୂର୍ବ କେତୋଟି ରାଜ୍ୟକୁ ଛାଡିଦେଲେ ସାରା ଭାରତରେ ସାଧାରଣ ବ୍ୟବହାର ପାଇଁ ଥିବା ଜାଗାଗୁଡ଼ିକ ଅତ୍ୟନ୍ତ ଅଳିଆ ଓ ଅସ୍ୱଚ୍ଛ । ଶୌଚାଳୟଗୁଡ଼ିକ ବ୍ୟବହାର ଉପଯୋଗୀ ନୁହେଁ । ଲୋକେ ଝାଡ଼ାପରିସ୍ରା କରି ପାଣି ଢାଳନ୍ତି ନାହିଁ । ହୁଏତ ପାଣି ନ ଥାଏ କିମ୍ବା ସେମାନେ ଭାବନ୍ତି - ତାହା ସେମାନଙ୍କ କାମ ନୁହେଁ । ଆଉ ଯେହେତୁ କିଛି ଲୋକ ଏଇ ଜାତୀୟ - ତେଣୁ ଏହାକୁ ସଫା ରଖିବା ଲୋକ ବି ସେ କାମ କରନ୍ତି ନାହିଁ । ତାଙ୍କୁ ତଦାରଖ କରିବା ଲୋକ ବି ଏହାକୁ ଅଣଦେଖା କରିଦିଅନ୍ତି । 'ସ୍ୱଚ୍ଛ ଭାରତ'ର ସ୍ୱପ୍ନ କଣ୍ଟରେ ଅଙ୍କା ହୋଇଥିବା ଗାନ୍ଧୀ-ଚଷମାରେ ସୀମିତ ହୋଇ ରହିଯାଏ । ବିମାନ ବନ୍ଦରର ଶୌଚାଳୟରେ ବି ବଡ଼ କରି ନୋଟିସ ମରାଯାଇଛି: ଏଠାରେ ପାନ ଗୁଟଖା ଛେପ ପକାନ୍ତୁ ନାହିଁ । ଯେ କୌଣସି ନଈ ବା ଜଳାଶୟ କୂଳକୁ ଯାଆନ୍ତୁ - କୁଢ଼ କୁଢ଼ ଆବର୍ଜନା । ପାର୍କରେ ପଲିଥିନ ଜରି ପ୍ଲାଷ୍ଟିକ । ସମସ୍ତେ ଭାବନ୍ତି ଏହାକୁ ସଫା କରିବା, ଏହାକୁ ଠିକ୍ ଭାବରେ ରଖିବା - ଏହା ଆଉ କାହାର ଦାୟିତ୍ୱ । ଯଦି ଆମେ ସେ ଦାୟିତ୍ୱକୁ କିଛିଟା ଅନ୍ତତଃ ପାଳନ କରନ୍ତେ ତାହାହେଲେ ହୁଏତ ସେ ଜାଗା ସଫାସୁତର ହୋଇ ରହନ୍ତା । ଉଦାହରଣସ୍ୱରୁପ ଯେକୌଣସି ଟ୍ରେନର ଶୌଚାଳୟକୁ ଦେଖନ୍ତୁ ସେଥିରେ ଅପରିଷ୍କାର ହୋଇଥିବ । ବେସିନ୍‌ରେ ଛେପ ପଡିଥିବ । ବେସିନ୍‌ରେ ଛେପ ପକେଇଲାପରେ ଟ୍ୟାପଟାକୁ ଖୋଲି ତାକୁ ପରିଷ୍କାର କରିଦେବା ଏତିକି ଦାୟିତ୍ୱ ମଧ୍ୟ ଆମେ ନିଜେ କରୁନାହୁଁ । ତେବେ ସେ ସଫା ରହିବ କେମିତି ? ବେଳେବେଳେ ମୋତେ ଲାଗେ ଆମେ ପୋକ ଜାତୀୟ ପ୍ରାଣୀ । ଗୁହମୁତ ଅଳିଆ ଆବର୍ଜନାରେ ସାଲୁବାଲୁ ହେବାକୁ ଆମକୁ ସୁଖ ଲାଗେ । ଏଇ ସାଧାରଣତନ୍ତ୍ର ଦିବସରେ ଚାଲନ୍ତୁ ସ୍ୱଚ୍ଛତାର ଶପଥ ନେବା । ଆମ ପରିବେଶ, ଆଖପାଖକୁ ସଫା ରଖିବା

# ସବୁ ପ୍ରଶ୍ନର ଉତ୍ତର ଦେବା ସହଜ ନୁହେଁ

କୁହାଯାଏ ଯେ ଅଢ଼େଇହଜାର ବର୍ଷ ପୂର୍ବେ ସକ୍ରେଟିସ୍ ଏ ପ୍ରଶ୍ନଟି ପଚାରିଥିଲେ । ଧରାଯାଉ ଆପଣଙ୍କ ଘରେ ନିଆଁ ଲାଗିଯାଇଛି । ଆପଣଙ୍କ ସ୍ତ୍ରୀ ଆଉ ଛୋଟିକି ପୁଅଟି ଘର ଭିତରେ ରହିଯାଇଛନ୍ତି ଆଉ ଆପଣ ଦୁଇ ଜଣଙ୍କ ଭିତରୁ ମାତ୍ର ଜଣକୁ ବଞ୍ଚେଇ ପାରିବେ । ହୁଏତ ଆପଣଙ୍କ ସ୍ତ୍ରୀଙ୍କୁ ବଞ୍ଚେଇବେ ନ ହେଲେ ପୁଅକୁ । ଆପଣ କାହାକୁ ବଞ୍ଚେଇବେ ? ଏ ପ୍ରଶ୍ନର ଉତ୍ତରରେ ସମସ୍ତେ ବହୁ ସମୟ ଧରି ନିରୁତ୍ତର ହେଇ ରହିଥିଲେ । ଆଜି ବି ଯଦି ଏ ପ୍ରଶ୍ନ ପଚରାଯାଏ ତେବେ ସମାନ ପ୍ରତିକ୍ରିୟା ସୃଷ୍ଟିହେବ । ସମସ୍ତେ ବହୁ ସମୟ ଧରି ନିରୁତ୍ତର ହୋଇ ରହିବେ । ସେ ସମୟରେ ଅଧିକାଂଶ ପୁରୁଷ ଉତ୍ତର ଦେଇଥିଲେ-ମୁଁ ମୋ ପିଲାକୁ ବଞ୍ଚେଇବି । ସକ୍ରେଟିସ୍ କହିଥିଲେ ଯେ ମୁଁ ମୋର ସ୍ତ୍ରୀକୁ ବଞ୍ଚେଇବି । ତା'ର କାରଣ ହେଉଛି ଯେ ଆମେ ଦୁହେଁ ହୁଏତ ପରେ ଆଉ ସନ୍ତାନ ପାଇପାରିବୁ । ପିଲା ଚାଲିଯିବାର ଦୁଃଖ ତ ରହିବ କିନ୍ତୁ ଆମେ ସନ୍ତାନ ପାଇପାରିବୁ । ମୁଁ ଯଦି ପିଲାଟିକୁ କେବଳ ବଞ୍ଚାଏ ତା'ହେଲେ ଆମେ ଦୁହେଁ ମା' ହରେଇବାର, ସ୍ତ୍ରୀ ହରେଇବାର ଦୁଃଖ ସାରା ଜୀବନ ବହନ କରି ଚାଲିବୁ । ମୁଁ ଯଦି ପିଲାକୁ ବଞ୍ଚାଏ , ସେ ସାରା ଜୀବନ ତା' ମା'କୁ ଝୁରିହବ । ମୁଁ ବି । ଆଉ ଧର ପରବର୍ତ୍ତି ସମୟରେ ମୁଁ ବାହାହେଲି ତାହାହେଲେ ତା' ସାବତ ମା' ଆସିବ । ସାବତ ମା' ତାକୁ ତା' ନିଜ ମା' ଭଳିଆ କେବେ ଭଲପାଇ ପାରିବ ନାହିଁ । ଶତାବ୍ଦୀ ଶତାବ୍ଦୀ ଧରି ଏ ପ୍ରଶ୍ନର ଭିନ୍ନ ଉତ୍ତର ମଧ୍ୟ ହେଇଛି । ଅନେକେ କହିବେ ଯେ ମୁଁ ପିଲାକୁ ବଞ୍ଚେଇବି କାରଣ ସେ ନିଜକୁ ରକ୍ଷା କରିପାରିବ ନାହିଁ । ମୋ ସ୍ତ୍ରୀ ହୁଏତ ନିଜକୁ ରକ୍ଷା କରିଦେବ । କିନ୍ତୁ ଛୋଟ ପିଲା ତ ନିଜକୁ ରକ୍ଷା କରିପାରିବ ନାହିଁ । କିନ୍ତୁ ମୂଳ ପ୍ରଶ୍ନର ପ୍ରେକ୍ଷାପଟ ତାହା ନଥିଲା । ଏ ପ୍ରଶ୍ନକୁ ନେଇ ଆପଣ ଯେତେବେଳେ ଯେଉଁ ସମୟରେ ଅନ୍ୟମାନଙ୍କୁ ପଚାରିବେ ଦେଖିବେ ସବୁବେଳେ ଭିନ୍ନ ଭିନ୍ନ ଉତ୍ତର ଆସିବ । କହିବା କଥା ହେଉଛି ଯେ କୌଣସି ବିତର୍କିତ ପ୍ରଶ୍ନର ଉତ୍ତର ସବୁ ସମୟରେ, ସବୁ ଅବସ୍ଥାରେ, ସବୁ ପରିସ୍ଥିତିରେ, ସବୁ ଲୋକଙ୍କ ପାଇଁ ସମାନ ହେଇ ନଥାଏ । ତରୁଣ ବୟସରେ ଜଣେ ଯାହା ଉତ୍ତର ଦେବ ବୃଦ୍ଧ ବୟସରେ ହୁଏତ ଏ ପ୍ରଶ୍ନର ସେ ଭିନ୍ନ ଉତ୍ତର ଦେବ । ଜଣେ ତରୁଣ ଅବସ୍ଥାରେ ଯଦି କହିଥିବ ଯେ ମୁଁ ମୋ ପିଲାକୁ ବଞ୍ଚେଇବି, ବୃଦ୍ଧ ବୟସରେ ହୁଏତ କହିବ ଯେ ମୋ ସ୍ତ୍ରୀକୁ ବଞ୍ଚେଇବି । କାରଣ ପିଲା ଗୋଟେ ବୟସ ପରେ ମୋ ପାଖରେ ଆଉ ରହିବ ନାହିଁ । ସ୍ତ୍ରୀ ଆମୃତ୍ୟୁ ମୋ ସହିତ ରହିବ । ଏ କାହାଣୀର ଶିକ୍ଷା ହେଲା: ଜୀବନରେ ଏମିତି କିଛି ପ୍ରଶ୍ନ ଆସିବ ଯାହାର ଉତ୍ତର ଦେବା ସହଜ ନୁହଁ । ଗୋଟେ ସମୟରେ ଲାଗିବ ଯେ ଏ ପ୍ରଶ୍ନର ଉତ୍ତର ଦେବା ଅତି ସହଜନ୍ତ କିନ୍ତୁ ସମୟ ସହିତ ଆପଣଙ୍କୁ ହିଁ ଲାଗିବ ଯେ ଏ ପ୍ରଶ୍ନର ଉତ୍ତର ଦେବା ସେତେ ସହଜ ନୁହଁ ।

## ଶୀତଦିନେ ନ ଗାଧୋଇବାର କେତୋଟି ବାହାନା

୧. ମୁଁ ପରିବେଶପ୍ରେମୀ । ଜଳ ସଂଚୟରେ ବିଶ୍ୱାସ କରେ । ଗାଧୋଇବା ମାନେ ଦୁଇ ତିନି ବାଲତି ପାଣି ଅପଚୟ । ଆଇନଷ୍ଟାଇନ୍ କହିଥିଲେ ତୃତୀୟ ବିଶ୍ୱଯୁଦ୍ଧ ପାଣି ପାଇଁ ହେବ । ନ ଗାଧୋଇ ଭବିଷ୍ୟତ ପିଢୀ ପାଇଁ ପାଣି ସଞ୍ଚୟ ବି କରାଯାଇ ପାରେ । ୨. ଶୀତଦିନେ ଏଇ ଥଣ୍ଡାରେ ଗାଧୋଇଲେ ମୁଁ କୋଲାପ୍ସ କରିଯିବି । ଗାଧୋଇଲା ବୋଲି ଲୋକଟା ମରିଗଲା - ଏମିତି ଶୁଣିବାକୁ କ'ଣ ଆପଣଙ୍କୁ ଭଲ ଲାଗିବ ! ୩. ଭଗବାନ ଶୀତଦିନଟା ତିଆରି କରିଛନ୍ତି - ଲୋକେ ଯେମିତି ନ ଗାଧୋଇବେ । ଗାଧୋଇବା ପାଇଁ ଖରାଦିନ ସାରା ରହିଛି । ଶୀତଦିନର ଗାଧୋଇବା କୋଟା ମୁଁ ଖରାଦିନେ ପୁରଣ କରିଦେବି । ୪. ମୁଁ ହେଲି ସିଂହ । ସିଂହ କ'ଣ ଶୀତଦିନେ ଗାଧାଏ ? ୫. ଶୀତଦିନେ ଗାଧୋଇଲେ ମୋତେ ସର୍ଦ୍ଦି କାଶ ହୋଇପାରେ । ରିସ୍କ କାହିଁକି ନେବା ! ୬. ପୋଚରା ଲୋକେ ସବୁଦିନ ଗାଧାନ୍ତି, ମୁଁ ସଫା ସୁତୁରା ଅଛି,... ଆମକୁ ଦରକାର ପଡେନାହିଁ । ୭. ସମୟ ମୂଲ୍ୟବାନ । ଗାଧେଇବାରେ ସମୟ କାହିଁ ନଷ୍ଟ କରିବା ! ୮. ନ ଗାଧୋଇଲେ ମୋବାଇଲରେ ଭଲ ଫୋଟ ଉଠେ । ୯. ଆମ ବଡ଼ଠାକୁର ବର୍ଷରେ ଥରେ ଗାଧାନ୍ତି, ସେଥିରେ ମାସେ ଜ୍ୱର ଧରିଯାଏ । ମୁଁ ଗାଧୋଇଲେ କି ଅବସ୍ଥା ହେବ, ଭାବି ଦେଖିଛ ? ୧୦. ପ୍ରତିଦିନ ଗାଧୋଇଲେ କୁଆଡ଼େ ଚର୍ମ ଖରାପ ହେବାର ଆଶଙ୍କା ଥାଏ ବୋଲି କେତେକ ଡାକ୍ତରଙ୍କ ମତ ।

**(ସୌଜନ୍ୟ: ସୁରେଶ ପ୍ରସାଦ, ଅଜୟ ମିଶ୍ର, ପ୍ରଦୀପ କୁମାର ଦାସ, ପଦ୍ମାଳୟା ମିଶ୍ର, ଭବାନୀ ପଟେଲ)**

# ପ୍ରଥମଥର ଏକାଠି

ନିକଟରେ ମିଳିଥିବା ସୂଚନା ଅନୁସାରେ ଖୁବଶୀଘ୍ର ଓମାଇଗଡ ପରଦାକୁ ଆସିବ । ଏଥିରେ ଦର୍ଶକ ନବେ ଦଶକର ଷ୍ଟାର ଅକ୍ଷୟ କୁମାର ଓ ରାଣୀ ମୁଖାର୍ଜିଙ୍କୁ ଏକାଠି ଦେଖିବେ । ଉଭୟଙ୍କ ଷ୍ଟାରଡମ ଏହି ଫିଲ୍ମଟିକୁ ସୁପର ହିଟ କରିବାନେଇ ମେକର୍ସ ଆଶା ରଖିଛନ୍ତି । ଦର୍ଶକ ମଧ୍ୟ ଏହି ଯୋଡିକୁ ପରଦାରେ ଦେଖିବାକୁ ଚାହିଁ ରହିଛନ୍ତି । ପୂର୍ବରୁ ଅନେକ ଫିଲ୍ମରେ ଉଭୟଙ୍କୁ କାଷ୍ଟ କରାଯିବାନେଇ ଯୋଜନା ହୋଇଥିଲେ ମଧ୍ୟ ସଫଳ ହୋଇ ନାହିଁ । ଉଭୟ ପ୍ରଥମଥର ପାଇଁ ସ୍କ୍ରିନ ସେୟାର କରିବାକୁ ଚାହୁଁଛନ୍ତି ତେଣୁ ଉଭୟଙ୍କ ଫ୍ୟାନ ଖୁବ ଉତ୍ସାହିତ ଅଛନ୍ତି । ସେହିଭଳି ଏହି କାଷ୍ଟିଂ ଏହି ବର୍ଷର ସବୁଠାରୁ ବଡ କାଷ୍ଟିଂ ହେବ ବୋଲି ସମୀକ୍ଷକ ମତ ଦେଇଛନ୍ତି । ଫିଲ୍ମର ଅନ୍ୟ ଭାଗ ଅପେକ୍ଷା ଏହି ଭାଗ ଅଧିକ ହିଟ ହେବ ବୋଲି ମେକର୍ସ ଆଶା ରଖିଛନ୍ତି, କାରଣ ଏଥିରେ ପ୍ରଥମଥର ରାଣୀ ଓ ଅକ୍ଷୟଙ୍କୁ ଏକାଠି ଦେଖିବାକୁ ମିଳିବ ।





# ପଛେଇଲା ରିଲିଜ

ବହୁଦିନରୁ ଫ୍ୟାନମାନେ ଆଲିଆ ଭଟ୍ଟ, ରଣବୀର କପୁର ଓ ଭିକ୍କି କୌଶଲ ଅଭିନୀତ ଫିଲ୍ମ ଲଭ୍ ଆଣ୍ଡ ୱାର ଫିଲ୍ମକୁ ଅପେକ୍ଷା କରି ରହିଛନ୍ତି । ତେବେ ନିକଟରେ ମିଳିଥିବା ସୂଚନା ଅନୁସାରେ ଏହି ଫିଲ୍ମଟି ଚଳିତବର୍ଷ ପରଦାକୁ ଆସିବ ନାହିଁ । ମିଳିଥିବା ସୂଚନା ଅନୁସାରେ ଉକ୍ତ ଫିଲ୍ମଟି ଆସନ୍ତା ବର୍ଷ ଅର୍ଥାତ ୨୦୨୭ରେ ପରଦାକୁ ଆସିବ । ନିକଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଫିଲ୍ମର କିଛି ସିନର ସୁଟିଂ ଏବେ ଯାଏଁ ବାକି ରହିଛି । ସେହିଭଳି ଏଥିରେ ଖୁବ ଅଧିକ ଆକସନ୍ ସିନ ଥିବାରୁ ଭିଏଫ୍ଏକ୍ସ କାମ ସରିବାରେ ଟାଇମ ଲାଗୁଥିବା ନେଇ ମେକର୍ସଙ୍କ ପକ୍ଷରୁ କୁହାଯାଇଛି । ତେବେ ଏହି ଖବର ଫ୍ୟାନଙ୍କୁ ନିରାଶ କରିଛି । ସମସ୍ତେ ଖୁବ ଉତ୍ସାହର ସହିତ ଏହି ପ୍ରୋଜେକ୍ଟକୁ ଅପେକ୍ଷା କରିଥିଲେ ।



# ୩୦ ବର୍ଷରେ ଛାଡ଼ିଥିଲେ ଅଭିନୟ

ମାତ୍ର ୩୦ ବର୍ଷ ବୟସରେ ଅଭିନୟ ଦୁନିଆକୁ ଅଲବିଦା କହିଥିଲେ ଅଭିନେତ୍ରୀ ରିମି ସେନ । ଦିନେ କମେଡି ଫିଲ୍ମର ଖୁବ ପରିଚିତ ଚେହେରା ଥିଲେ ରିମି । ହେଲେ ହଠାତ୍ ଅଭିନୟ ଦୁନିଆକୁ ନା କହି ବ୍ୟବସାୟରେ ପାଦ ଦେଇଥିଲେ ରିମି । ରିମିଙ୍କୁ ବାଗବାନ, ଧୁମ୍, ଗରମ ମସଲା, କ୍ୟୁ କି, ଫିର ହେରା ଫେରି, ଗୋଲମାଲ, ଜନି ଗଦ୍ଦର ଭଳି ଫିଲ୍ମରେ ଦେଖିବାକୁ ମିଳିଥିଲା । ସବୁବେଳେ କମେଡି ଫିଲ୍ମ କରି ନିଜର କ୍ୟାରିୟର ପରିବର୍ତ୍ତନ କରିବାକୁ ଚାହିଁ ଥିଲେ ରିମି । ପରେ ସେ ପ୍ରଯୋଜନା ଦୁନିଆରେ ପାଦ ଦେଇଥିଲେ । ସେ ନ୍ୟାସନାଲ ଆୱାର୍ଡ ଜିତିଥିବା ମୁଭି ବୁଦ୍ଧିଆ ସିଂ ଫିଲ୍ମ ପ୍ରସ୍ତୁତ କରିଥିଲେ । ଯାହା ଜଣେ ଓଡିଆ ବାଳକ ଉପରେ ଥିଲା । ତେବେ ଏବେ ମଧ୍ୟ ସେ ଏକ ଫିଲ୍ମକୁ ପ୍ରଯୋଜନା କରୁଛନ୍ତି । ସେହିଭଳି ସେ ବର୍ତ୍ତମାନ ଦୁବାଇରେ ବ୍ୟବସାୟ କରୁଥିବା ନିକଟରେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।



# ନୂଆ ଯୋଡ଼ି

ଖୁବଶୀଘ୍ର ବଲିଉଡର ଦୁଇ ଆକସନ୍ ଷ୍ଟାରଙ୍କୁ ଏକାଠି ଦେଖିବାକୁ ମିଳିବ । ସୂଚନା ଅନୁସାରେ ବିଦ୍ୟୁତ ଜମାଲ ଓ ଟାଇଗର ସ୍ରଫଙ୍କୁ ଦର୍ଶକ ଗୋଟିଏ ଫିଲ୍ମରେ ଦେଖିବେ । ଉଭୟଙ୍କୁ ଏକାଠି ଦେଖିବାକୁ ଫ୍ୟାନମାନେ ବେଶ ଉତ୍ସୁକ ଅଛନ୍ତି । ଏହି ଫିଲ୍ମ ଜରିଆରେ ମେକର୍ସ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ଦେବାକୁ ଚେଷ୍ଟା କରିଛନ୍ତି ଓ ଫିଲ୍ମଟି ବ୍ଲ କବଷ୍ଟର ହେବା ନେଇ ସମସ୍ତେ ଆଶା ରଖିଛନ୍ତି । ବିଦ୍ୟୁତ ଜମାଲଙ୍କୁ ଅନେକ ବଡବଡ ଫିଲ୍ମରେ ଆକସନ କରୁଥିବାର ଦେଖିବାକୁ ମିଳେ, ଦର୍ଶକ ତାଙ୍କ ଫିଟନେସର ଖୁବ ବଡ ଫ୍ୟାନ । ସେହିଭଳି ଟାଇଗରଙ୍କ ଆକସନ୍ ଓ ଡ୍ୟାନ୍ସ ସମସ୍ତଙ୍କୁ ଦିବାନା କରିଥାଏ । ତେଣୁ ଏହି ନୂଆ ଯୋଡି ପରଦାରେ ଖୁବ କମାଲ କରିବ ବୋଲି ପୂରା ୟୁନିଟ ଆଶା ରଖିଛି । ଫିଲ୍ମର କାହାଣୀ ପ୍ରେମ ସହିତ ଆକସନ ରହିବ ବୋଲି ଜଣା ପଡିଛି ।



# ପ୍ରେମରେ ନୋରା

ନୋରା ଫତେହି ସବୁବେଳେ ନିଜର ଡ୍ୟାନ୍ସ ପାଇଁ ଖୁବ ଚର୍ଚ୍ଚାରେ ରହିଥାଆନ୍ତି । ତେବେ ନିକଟରେ ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି ନୋରା ତାଙ୍କ ଡେଟିଂ ଖବର ବର୍ତ୍ତମାନ ଚାରିଆଡେ ଘୁରି ବୁଲୁଛି । ସେ ଜଣେ ସେଲିବ୍ରିଟି ଫୁଟବଲରଙ୍କୁ ଡେଟ୍ କରୁଥିବା ନେଇ ସୋସିଆଲ ମିଡିଆରେ ଆଲୋଚନା ଜାରି ରହିଛି । ଏପରିକି ନୋରା ସେହି ଫୁଟବଲରଙ୍କ ସହିତ ସମୟ କାଟିବା ପାଇଁ ମୋରୋକ୍କ ମଧ୍ୟ ଯାଇଛନ୍ତି ଏବଂ ସେଠାରେ ସେହୁ ଫୁଟବଲରଙ୍କ ମ୍ୟାଚ ଉପଭୋଗ କରିବାନେଇ ଚର୍ଚ୍ଚା ହେଉଛି । ପୂର୍ବରୁ ଉଭୟଙ୍କୁ ଦୁବାଇରେ ଏକାଠି ଦେଖିବାକୁ ମିଳିଥିଲା ବର୍ତ୍ତମାନ ମୋରକ୍କ ତେଣୁ ଉଭୟଙ୍କ ଭିତରେ ପ୍ରେମ ସମ୍ପର୍କଥିବାନେଇ ଫ୍ୟାନମାନେ ଆକଳନ କରୁଛନ୍ତି । ସେହିଭଳି ନୋରାଙ୍କର ଆଗକୁ କିଛି ପ୍ରୋଜେକ୍ଟ ଆସିବାକୁ ମଧ୍ୟ ବାକି ରହିଛି ।





# ତିରଙ୍ଗା ପତାକା ଯାଆରେ ଉଡ଼ି

ଫର ଫର ହୋଇ ତିରଙ୍ଗା ପତାକା
ଯାଆରେ ଉଡ଼ି,
ତୋ ସାଥିରେ ଯେତେ ମଇତ୍ରୀ, ପ୍ରଗତି
ନେଉଥା ଭିଡ଼ି ॥
ପାଇବାକୁ ତୋତେ ଅନେକ କଷଣ
ଭୋଗିଲେ ଯିଏ
ଭାରତ ମାଟିର ଆକାଶେ ଉଜ୍ୱଳ
ତାରକା ସିଏ ॥
ତୋ ଦେହରେ ନିତି ହୋଇଅଛି ଭରା
ଶାନ୍ତି, ପ୍ରେମ
ଶିଖାଇ ପାରିଛୁ ଜଳ, ସ୍ଥଳ ସାରା
ସତ୍ୟ ଜୀବନ ॥
କାହାରି ମନରେ ଆଣିନୁ ଆଘାତ
କେବେ ବି ଦିନେ
ଅହିଂସା ବାରତା ହୋଇଛି ସାଇତା
ତୋହରି ପ୍ରାଣେ ॥
ତୋ ସାହସ ଗାଥା ଗାଉଅଛି ବିଶ୍ୱ
ଜନମବେଳୁ
ତୋ'ର ଗୁଣ ଆମ ଦେହରେ ଭରି ଦେ
ନ ହେବୁ ଭୀରୁ ॥
ସବୁରି ହୃଦରେ ଆଙ୍କି ଦିଅ ତୁମେ
ସାହସ, ବଳ
ସତ୍ୟ, ଶାନ୍ତିରେ ଭରିଯାଉ ପୁଣ୍ୟ
ମାଆର କୋଳ ॥

**ଅନନ୍ତ କୁମାର ସେନାପତି**
ବାଣ୍ଡୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ଫୋନ: ୭୦୦୮୩୦୪୨୨୫



# ସଡ଼କ ସୁରକ୍ଷା, ଜୀବନ ରକ୍ଷା

ସଡ଼କ ସୁରକ୍ଷା ମାସ
ପାଳିବା ସଭିଏଁ ଆସ
ନିୟମ ମାନିଲେ ଆମେରେ ସଭିଏଁ
ଦୁର୍ଘଟଣା ହେବ ହ୍ରାସ ॥
ଗାଡ଼ି ଚଳାଇବା ଧୀରେ
ନିଶାଠୁ ରହିବା ଦୂରେ
ମୋବାଇଲ୍ ଧରି କଥା ନ ଗପିବା
କଥା ହେବା ଆମେ ପରେ ॥
ଦେଖିଲେ ନାଲିଆ ବତୀ
ଧୀର କରି ଗାଡ଼ି ଗତି
ଗାଡ଼ି ଧାଡ଼ି ପଛେ ଗାଡ଼ିକୁ ରଖିବା
ନିୟମ ମାନିବା ନିତି ॥
ଜଳିଲେ କମଳା ବତୀ
ସ୍ଥିର କରି ନିଜ ମତି
ଆଗ ଗାଡ଼ି ପଛେ ପଛେ ଯିବା ପାଇଁ
କରିବା ଆମେ ପ୍ରସ୍ତୁତି ॥
ସବୁଜ ବତୀ ଦେଖିଲେ
ଆଗକୁ ଯିବାଟି ଭଲେ
ଭିଡ଼ ଥିଲେ ଗାଡି ଧୀରେ ଚଳାଇବା
ବୁଝାଇବ ତୁମେ ପିଲେ ॥
ସଡ଼କ ସୁରକ୍ଷା ନୀତି
ଜୀବନେ ମାନିବା ନିତି
ମାନି ଚଳୁଥିଲେ ଆମେରେ ସଭିଏଁ
ନ ହୋଇବ କିଛି କ୍ଷତି ॥

**ପ୍ରଫୁଲ୍ଲ କୁମାର ସାହୁ**
ଶକ୍ତି ବିହାର, ବାଲିପଡ଼ା, ମାହାଙ୍ଗା
ମୋ: ୭୬୦୯୦୪୪୩୮୩





# ଆଇନାର ଦୁନିଆ

ଚକ୍‌ଚକ୍ ଚକ୍‌ଚକ୍
ଛୋଟ ଏକ ଦୁନିଆ
ଭିତରେ ତା' ଘଟେ ଯାହା
ଲାଗେ ସତେ କିମିଆ ॥
ଦେଖାଏ ସେ କେଶ-ବାସ
ଅବାଗ କି ସଜଡ଼ା
ମୁହଁ, ଦାନ୍ତ ଅସନା କି
କିବା ଲୋଡ଼ା ଅଲୋଡ଼ା ॥
ଆଗରେ ତା' ଛିଡ଼ାହେଲେ
ମୋ ପରି କେ ଦିଶଇ
ମୁଁ ହସିଲେ ହସିଦିଏ
ହାତ ଦିଏ ହଲେଇ ॥
ମୋ ପରିକା ଆଖି, କାନ
କୁନି ତା'ର ମୁହଁଟି
ମୋ ପରିକା କେଶ ବାସ
ସମାନ ତ କେମିତି ॥
କଥାଟିଏ ଭାବି ମନେ
ହୁଏ କାହିଁ ଚକିତ
ମୁଁ ଟେକିଲେ ଏ ହାତକୁ
ଟେକେ ସିଏ ସେ ହାତ ॥
କିଏ ସିଏ ଆଙ୍କିଦିଏ
ଅବିକଳ ଛବିଟେ
ଯିଏ ଆସେ ଆଗରେ ତା'
ତା' ପରିକା ଦିଶେ ସେ ॥
ମୁଁ ଲୁଚିଲେ ଲୁଚିଯାଏ
ମୁଁ ଆସିଲେ ବାହାରେ
କେଉଁଠି କେମିତି କୁହ
ଖାଏ, ପିଏ ରହେରେ ॥

**ରଶ୍ମି ରଞ୍ଜନ ସାହୁ**
କଳିଙ୍ଗ ବିହାର,
ସାକ୍ଷୀଗୋପାଳ, ପୁରୀ









# 'ୟେସ୍' ସ୍କାମ୍

ଭାରତରେ ଡିଜିଟାଲ ବ୍ୟବସ୍ଥା ସୁଲଭ, ହାତପାଆନ୍ତାରେ ତତ୍କାଳ ସେବା ପ୍ରଦାନ କରୁଥିବାରୁ ଅନେକେ ଏହାକୁ ବିଶେଷ ଭାବେ ଗ୍ରହଣ କରୁଛନ୍ତି। ତେବେ ଏହାର ଫାଇଦା ଉଠାଇ ଡିଜିଟାଲ ଠକ (ସ୍କାମର)ମାନେ ନୂଆ ନୂଆ ଉପାୟରେ ସକ୍ରିୟ ହୋଇ ଲୁଟିବାରେ ଲାଗିଛନ୍ତି । ଏସବୁ ଭିତରେ ଏବେ ସାମ୍ନାକୁ ଆସିଛି 'ୟେସ୍ ସ୍କାମ୍' ବା ଅଜଣା ନମ୍ବରର କଲ୍ ଉଠାଇ ପ୍ରଶ୍ନର ଉତ୍ତରରେ ହଁ କହିବା ମାତ୍ରେ ଉକ୍ତ ଫୋନ୍ ନମ୍ବର ସହିତ ଜଡ଼ିତ ଆକାଉଣ୍ଟରୁ ସମସ୍ତ ଟଙ୍କା ଗାଏବ। ତେବେ ଆପଣ ମୋବାଇଲ ବ୍ୟବହାର କରୁଥିବା ସମୟରେ ଧରନ୍ତୁ କେହି ଜଣେ ଆପଣଙ୍କୁ କଲ୍ କରି ନାଁ ଧରି ପ୍ରଶ୍ନଟି ପଚାରିବ। ଅପର ପାର୍ଶ୍ୱ ଜଣଙ୍କ ଆପଣଙ୍କ ନାଁ ଧରି ପଚାରୁଛି ଅର୍ଥ ଆପଣ ସୌଜନ୍ୟମୂଳକ ଭାବେ ହଁ କି ନା କହିବେ । ବାସ୍ ଉତ୍ତରରେ ଏହି ଗୋଟିଏ 'ୟେସ୍' ଶବ୍ଦ ଆପଣଙ୍କୁ କାଙ୍ଗାଳ କରିଦେବ। ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଜଣଙ୍କର କଣ୍ଠସ୍ୱର ମଧ୍ୟ ବ୍ୟାଙ୍କ ଆକାଉଣ୍ଟର ପାସ୍‌ୱାର୍ଡ ବି ହୋଇପାରୁଥି ବୁଝେୟେସ୍ ହିବାର କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟର ସମସ୍ତ ଅର୍ଥରାଶିକୁ ସାଇବର ଠକ ପୋଛି ସାରିଥି ବେ। ଏହିନୂଆ ୟେସ୍ ମାୟାଜାଲରେ କୌଣସି ଓଟିପି ଦେବାକୁ ପଡ଼ିବ ନାହିଁ। ୟେସ୍ ଶବ୍ଦଟି କହୁଥିବା ଆପଣଙ୍କ କଣ୍ଠସ୍ୱରର ରେକର୍ଡ଼ ହିଁ ସେମାନଙ୍କ ପାଇଁ ଯଥେଷ୍ଟ। ଆପଣଙ୍କ ୟେସ୍ କଣ୍ଠସ୍ୱରକୁ ଭଏସ୍ ବାୟୋମେଟ୍ରିକ ସିଷ୍ଟମ ଭାବେ ଗ୍ରହଣ କରି ଠକମାନେ ବ୍ୟାଙ୍କ୍‌ରୁ ଟଙ୍କା ଉଠାଇ ନେଇସାରିଥି ବେ।


**ହଁ କହିଲେ ଟଙ୍କା ଗାଏବ୍ ! ଶୁଣି ଆଶ୍ଚର୍ଯ୍ୟ ଲାଗୁଥି ଲେ ହେଁ କଥାଟିସେତ । ସାଇବର ଠକମାନେ ଏପରି ଉପାୟ ବାହାର କରିଛନ୍ତି ଯାହାକୁ 'ୟେସ୍ ସ୍କାମ' କୁହାଯାଉଛି । ଠକମାନେ ଫୋନ୍ କଲରେ ଡିଜିଟାଲ ମନି ହ୍ୟାଣ୍ଡଲରମାନଙ୍କୁ ବିଭିନ୍ନ ପ୍ରଶ୍ନ କରୁଛନ୍ତି । ଏହାର ଉତ୍ତରରେ 'ୟେସ୍' ବା ହଁ କହିବା ମାତ୍ରେ 'ଭଏସ୍ ଅଥେଣ୍ଟିକେସନ'ର ଅପବ୍ୟବହାର କରି ସ୍କାମରମାନେ ଆଖି ଝୁଲାକେ ଆକାଉଣ୍ଟରୁ ଅର୍ଥରାଶି ଉଭାନ କରିଦେଉଛନ୍ତି ।**

ଅନ୍ୟପକ୍ଷରେ ଠକମାନେ ଆପଣଙ୍କ ୟେସ୍ ଶବ୍ଦକୁ ନେଇ ନୂଆ ଆକାଉଣ୍ଟ ଖୋଲିଥାନ୍ତି । ପରବର୍ତ୍ତୀ ସମୟରେ ଏଥିରେ କେବଳ ଦେଣନେଣ ହୋଇନଥାଏ ବରଂ ମୋଟାଅଙ୍କର ଋଣ ମଧ୍ୟ ଆବେଦନ ହୋଇଥାଏ। ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମାଣ ସ୍ୱରୂପ ଆପଣଙ୍କ ୟେସ୍ କଣ୍ଠସ୍ୱରକୁ ଭଏସ୍ ବାୟୋମେଟ୍ରିକ ସିଷ୍ଟମ ଭାବେ ଗ୍ରହଣ କରି ଭଏସ୍ କଲ୍ ଜରିଆରେ ଋଣ ମଞ୍ଜୁର କରିଥାନ୍ତି।

ଏହି ଭୟାନକ ଠକମାନଙ୍କଠାରୁ ରକ୍ଷା ପାଇବା ପାଇଁ ହେଲେ, କୌଣସି ଅଜଣା ବ୍ୟକ୍ତି ବା ସଂସ୍ଥାଠାରୁ ଆପଣଙ୍କ ସମ୍ବନ୍ଧିତ ଫୋନ୍ କଲ୍ ପାଉଥିଲେ ସର୍ବନିମ୍ନ ଭାବେ ୟେସ୍ କିମ୍ବା ହଁ ଆଦୌ କୁହନ୍ତୁ ନାହିଁ। ଅନେକ କ୍ଷେତ୍ରରେ ଦେଖାଯାଏ କେତେକ ଆକାଉଣ୍ଟଧାରୀଙ୍କର ଖାତା ଖୋଲିଲା ବେଳେ ଭଏସ ବାୟୋମେଟ୍ରିକ୍ସ ଅଥେଣ୍ଟିକେଶନ୍ ସିଷ୍ଟମ ରଖିଥାନ୍ତି, ତେଣୁ ଏ କ୍ଷେତ୍ରରେ ତୁରନ୍ତ ନିଜର ଖାତା ଖୋଲିଥିବା ବ୍ୟାଙ୍କକୁ ଯାଇ ଏହି ବ୍ୟବସ୍ଥାକୁ ଡିଜାବଲ୍ କରିଦେଲେ ହିଁ ଆପଣ ଏହି ୟେସ୍ ସ୍କାମ୍‌ରୁ ବର୍ତ୍ତି ପାରିବେ। ସେହିପରି ଆଉ ଏକ ଅନ୍‌ଲାଇନ୍ ଠକାମୀ ହେଲା 'ଜାମ୍ ଡିପୋଜିଟ ସ୍କାମ୍' । ଏହି ସ୍କାମ୍‌ରେ ବ୍ୟାଙ୍କ ସହିତ ଜଡ଼ିତ ଫୋନ୍‌କୁ ମେସେଜ ଆସେ ଆପଣଙ୍କ ଆକାଉଣ୍ଟକୁ କିଛି ଟଙ୍କା କ୍ରେଡିଟ ହୋଇଛି। ଏହା ଦେଖି ଆପଣ ସର୍ବପ୍ରଥମେ ୟୁପିଆଇ ଆକାଉଣ୍ଟ ଖୋଲି ସତକ କି ମିଛ ଜାଣିବା ପାଇଁ ଆଗ୍ରହ ରଖିବେ। ବାସ୍ ଏହା ହିଁ ଠକାମାନଙ୍କ ପ୍ଲାନ୍ । ସେମାନେ ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତ ହୋଇ କ୍ୟାଶ ୱିଥଡ୍ରୟାଲ ରିକୁଏଷ୍ଟ ପଠାଇ ଯୋଜନା ପ୍ରସ୍ତୁତ କରିସାରିଥିବେ। ସ୍କାମରମାନେ ଜାଲ୍ ଏସ୍‌ଏମ୍‌ଏସ୍ ଗେଟୱେ ଦ୍ୱାରା ଆକାଉଣ୍ଟକୁ ଟଙ୍କା ଆସିବା ପରି ଭ୍ରମ ସୃଷ୍ଟି କରିବେ । ଆପଣ ଆକାଉଣ୍ଟ ଚେକ୍ ପାଇଁ ୟୁପିଆଇ ପିନ୍ ନମ୍ବରଟି ମାରିବା ମାତ୍ରେ ଏହା ଆପେ ଆପେ ଆକସେସ୍ ହୋଇଯିବ । ପରିଣାମ ସ୍ୱରୂପ କିଛି କ୍ଷଣ ଭିତରେ ଆକାଉଣ୍ଟରୁ ଟଙ୍କା ଉଭାନ ହୋଇଯିବ। ତେବେ ଏଥିରୁ ବଞ୍ଚିବାକୁ ହେଲେ କୌଣସି ପରିସ୍ଥିତିରେ ଅଜଣା ମେସେଜ ପଢ଼ି ହଠାତ ଏଥି ପ୍ରତି ଆଗ୍ରହ ଦେଖାନ୍ତୁ ନାହିଁ। ପ୍ରଥମେ ଏହି ମେସେଜଗୁଡ଼ିକ କେଉଁ ବିଧିବଦ୍ଧ ସେଣ୍ଟରରୁ ଆସିଛି ତାହା ଯାଞ୍ଚ କରନ୍ତୁ। ଆପଣ ଆପ୍ ଷ୍ଟୋରରୁ ଆପ୍ ଇନଷ୍ଟଲ କରିବା ପୂର୍ବରୁ ସେ ଆପର ଡେସ୍କ୍ରିପଶନ ପଢ଼ିବା ସହ ଭଲ କରି ପରଖିବା ଉଚିତ। କୌଣସି ପରିସ୍ଥିତିରେ କାହାକୁ ମୋବାଇଲକୁ ଆସିଥିବା ଓଟିପି କୁହନ୍ତୁ ନାହିଁ। ଏଭଳି କିଛିଟା ସତର୍କତା ଅବଲମ୍ବନ କଲେ, ଆମେ କିଛି ମାତ୍ରାରେ ନିଜକୁ ସୁରକ୍ଷା ଦେଇପାରିବା। ସାଧାରଣତଃ ଅସହଜରେ ଟଙ୍କା ପାଇବା ଲୋଭରେ ଲୋକେ ଠକାମିର ଶିକାର ହୁଅନ୍ତି। ସହଜରେ ଟଙ୍କା ଉପାର୍ଜନ କରିବାର ସେଭଳି କୌଣସି ନ୍ୟାୟସମ୍ମତ ଉପାୟ ଦୁନିଆରେ ନାହିଁ। ଏହାକୁ ଧ୍ୟେୟ କରିନେଲେ କେହି ଆପଣଙ୍କୁ ଠକିପାରିବେ ନାହିଁ। ଆପଣଙ୍କ ଆକାଉଣ୍ଟକୁ ଯଦି ଅଚାନକ କୌଣସି ଭାବରେ କିଛି ଟଙ୍କା କ୍ରେଡ଼ିଟ ହୋଇଯାଇଛି ତେବେ ଆପଣ ରାତାରାତି ବଡ଼ଲୋକ ହୋଇଗଲେ ବୋଲି ଭାବନ୍ତୁ ନାହିଁ। ବ୍ୟାକୁଳ ନ ହୋଇ କିଛିକ୍ଷଣ ରହିଗଲେ ହ୍ୟାକରମାନେ ଲୁଟିବା ପାଇଁ ଯେଉଁ କ୍ୟାଶ ୱିଥଡ୍ରୟାଲ ରିକୁଏଷ୍ଟ ପଠାଇଥି ବେ ତାହା ଇନ୍‌ଭ୍ୟାଲିଡ ହୋଇସାରିଥିବ ଓ ଆପଣ ସେମାନଙ୍କ ଜାଲରୁ ବତର୍ତ୍ତିଯାଇ ପାରିବେ। ଆଜିର ସମୟରେ ଡିଜିଟାଲ ବ୍ୟବସ୍ଥା ଗୋଦରାଗୋଡ଼ ପରି। ଯେତିକି ଭଲ ସେତିକି ମନ୍ଦ। ତେବେ ନେଇଆଣି ଥୋଇପାରିଲେ ଚୋରି ବିଦ୍ୟା ଭଲ ପରି ଯଦି ଆପଣ ନିଜକୁ ନିଜେ ସତର୍କ ରଖି ପାରିବ ଆଜିର ଆଡଭାନ୍ସ ଦୁନିଆରେ ଆଡଭାନ୍ସ ହୋଇ ବଞ୍ଚିବା ସହ କୌଣସି ବି ଅପରାଧରୁ ସହଜରେ ବଞ୍ଚିପାରିବେ। ●●●●



ଆଇମା ପେଡିରେ ବନ୍ଧୁଙ୍କୁ ନେଇ ଅନେକ ଗପ ରହିଥାଏ । ଏହି ଗପରେ କିଭଳି ଜଣେ ପ୍ରକୃତ ବନ୍ଧୁ ହିଁ ବିପଦରେ ସାହାଯ୍ୟ କରିଥାଏ ତାହାକୁ ଦର୍ଶାଯାଇଥାଏ । ଏହାସହ ପିଲାଙ୍କୁ ଶିକ୍ଷା ଦିଆଯାଇଥାଏ କି ସବୁବେଳେ ଜୀବନରେ ଗୋଟିଏ ଭଲ ସାଙ୍ଗ ରଖିବାକୁ ଯିଏ ବିପଦର ବନ୍ଧୁ ସାଜିବ ।



# ବିପଦର ବନ୍ଧୁ



ଏହି ଗପରେ ପିଲାଙ୍କୁ ଅନେକ ଶିକ୍ଷା ଦିଆଯାଇଥାଏ, କିଭଳି ବନ୍ଧୁମାନେ ସବୁବେଳେ ବିପଦର ଆପଦର ବନ୍ଧୁ ହୋଇଥାଆନ୍ତି ତାହା ଏହି ଗଳ୍ପରୁ ଜଣା ପଡିଥାଏ । ଆସନ୍ତୁ ପଢିବା ସେହିଭଳି ଏକ କାହାଣୀ ସମ୍ପର୍କରେ । ଏକଦା ଜଙ୍ଗଲରେ ହରିଣ, କୁଆ ଓ ବିଲୁଆଟିଏ ସାଙ୍ଗ ହୋଇ ରହୁଥିଲେ । ତିନିଜଣଯାକ ଖୁବ ସାଙ୍ଗ ହୋଇଥାଆନ୍ତି । ସବୁବେଳେ ଏକାଠି ସାଙ୍ଗସାଥୀ ହୋଇ ସମସ୍ତ କାମ କରନ୍ତି । ଏକାଠି ଖାଇବା ଏକାଠି ବୁଲିବାରେ ସେମାନଙ୍କର କାମ । ହେଲେ ହରିଣର ମାଆ ସବୁବେଳେ ସେମାନଙ୍କ ଉପରେ ସନ୍ଦେହ କରିଥାଏ । ହରିଣକୁ ତାଗିଦ କରେ କୁଆ ଓ ବିଲୁଆ ବୁଦ୍ଧିଆ ତୋତେ ହଇରାଣ କରିବେ, ତେଣୁ ତୁ ତାଙ୍କଠାରୁ ଦୂରରେ ରୁହ । ହେଲେ ହରିଣର ସେମାନଙ୍କ ଉପରେ ବିଶ୍ୱାସ ଥାଏ । ଥରେ ଏହିପରି ଜଙ୍ଗଲରେ ତିନି ସାଙ୍ଗ ବୁଲୁଥିବା ସମୟରେ ହରିଣଟି ଗୋଟିଏ ଜାଲରେ ପଡିଗଲା । ଶିକାରୀ ବସାଇଥିବା ଜାଲରେ ତାର ଗୋଡ ଛନ୍ଦି ହୋଇଗଲା । ଏହାପରେ ସମସ୍ତେ ଖୁବ ଡରିଗଲେ । ହରିଣ ଜୋରେଜୋରେ କାନ୍ଦିବାକୁ ଲାଗିଲା । ଏହାଦେଖି ବିଲୁଆ କହିଲା ତୁ ଚିନ୍ତା କରନା ଆମେ ତୋତେ ଯେମିତିହେଲେ ବଞ୍ଚାଇବୁ । ଏହାପରେ ବିଲୁଆ ଏକ ଉପାୟ ପାଞ୍ଚିଲା । କହିଲା ମୁଁ କିଛି ଦୂର ଯାଇ ଜଗିବି ଶିକାରୀ କେତେବେଳେ ଆସୁଛି । ଏହାପରେ ମୁଁ ଏକ ଡାକ ଛାଡିବି ଏହି ସମୟରେ ତୁ ହରିଣ ମଲାପରି ଅଭିନୟ କରି ଜାଲରେ ପଡି ରହିବୁ । ଏହାପରେ ଶିକାରୀ ପାଖକୁ ଆସି ତୁ ମରିଯାଇଥିବା ଭାବି ଜାଲ କାଟିବା ଆରମ୍ଭ କରିବ । ଯେଉଁ ସମୟରେ ଶିକାରୀର ଜାଲ କଟା ସରିବ କୁଆ ତୁ ସେହି ସମୟରେ କାକା କରି ରାବିବୁ । ଯେମିତି ତୁ ରାବିବୁ ହରିଣ ଉଠିପଡି ଡିଆଁ ମାରି ପଳାଇବ । ଉପାୟଟି ସମସ୍ତଙ୍କୁ ମନକୁ ପାଇଲେ , ସମସ୍ତେ ମିଳିମିଶି ଏହି ପ୍ରକାରର କାମ ମଧ୍ୟ କଲେ । ଯାହାଫଳରେ ହରିଣଟି ସହଜରେ ଶିକାରୀ କବଜାରୁ ରକ୍ଷା ପାଇଗଲା । ଏହାପରେ ହରିଣ ମାଆ ମଧ୍ୟ କୁଆ ଓ ବିଲୁଆଙ୍କୁ ଖୁବ ଧନ୍ୟବାଦ ଦେବା ସହ ଆଦର କଲା । ଜଣେ ପ୍ରକୃତ ବନ୍ଧୁ ହିଁ ବିପଦର ବନ୍ଧୁ ବୋଲି ହରିଣ ମାଆ ମଧ୍ୟ ଜାଣିପାରିଲା ।



# ସୁଲଭ ହେଉଛି ମହାକାଶ ଗବେଷଣା

**ପିଲାଦିନେ ଅନେକେ ମହାକାଶଚାରୀ ହେବାର ସ୍ୱପ୍ନ ଦେଖୁଥିଲେ। କାର୍ଡବୋର୍ଡର ରକେଟ୍ ତିଆରି କରୁଥିଲେ। କିନ୍ତୁ ଜୀବନର ପଥରେ ଆଗକୁ ବଢ଼ିବା ସମୟରେ ସ୍ୱପ୍ନଗୁଡ଼ିକ କେଉଁଆଡେ ହଜିଯାଇଥିଲା। ତଥାପି କିଛି ଲୋକ ନିଜ ସ୍ୱପ୍ନକୁ ପୂରଣ କରିବା ପାଇଁ ଅହରହ ପରିଶ୍ରମ କରୁଥିବାର ଦେଖିବାକୁ ମିଳିଥାଏ ।**

ପଶ୍ଚିମବଙ୍ଗ ଦୁର୍ଗାପୁରର ମାତ୍ର ୨୧ ବର୍ଷୀୟ ସ୍ନେହଦୀପ କୁମାର ନିଜ ପିଲାଦିନର ସେହି ଆକର୍ଷଣକୁ ବାସ୍ତବତାରେ ପରିଣତ କରୁଛନ୍ତି। ଭୁବନେଶ୍ୱରର କମ୍ପ୍ୟୁଟର ବିଜ୍ଞାନ ଛାତ୍ର ମୋହିତ କୁମାର ନାୟକଙ୍କ ସହ ମିଶି ସେ ମହାକାଶ ଗବେଷଣାକୁ ସାଧାରଣ ଲୋକଙ୍କ ପାଇଁ ସହଜ କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ନିଜର ଛାତ୍ର-ପରିଚାଳିତ ଷ୍ଟାର୍ଟଅପ୍ 'ନେବୁଲା ସ୍ପେସ୍ ଅର୍ଗାନାଇଜେସନ୍' ମାଧ୍ୟମରେ ଭାରତର ପ୍ରଥମ ଗାମା-ରଶ୍ମି ଚିହ୍ନଟକାରୀ 'କ୍ୟୁବ୍‌ସାଟ୍' ନିର୍ମାଣ କରିଛନ୍ତି । ସ୍ନେହଦୀପଙ୍କ ଏହି ଯାତ୍ରା ପ୍ରଥମଶ୍ରେଣୀରୁ ହିଁ ଅତି ସାଧାରଣ ଭାବେ ଆରମ୍ଭ ହୋଇଥିଲା, ଯେତେବେଳେ ତାଙ୍କ ପିତା ତାଙ୍କ ହାତରେ ଏକ ଜ୍ଞାନକୋଷ ଧରାଇ ଦେଇଥିଲେ ଏବଂ ଟେଲିଭିଜନରେ 'ଡିସକଭରୀ ଚାନେଲ୍' ଲଗାଇ ଦେଇଥିଲେ। ମହାକାଶର ସେହି ବିଶାଳତା ଏବଂ ରହସ୍ୟ ତାଙ୍କୁ ତତକ୍ଷଣାତ ଆକର୍ଷିତ କରିଥିଲା । ସ୍କୁଲର ପ୍ରତିଟି ପ୍ରକଳ୍ପରେ ତାଙ୍କର ମହାକାଶର ଝଲକ ଦେଖିବାକୁ ମିଳିଥାଏ । ନବମ ଶ୍ରେଣୀରେ ପଢୁଥିବା ବେଳେ ସ୍ନେହଦୀପ ଏକ ବିଜ୍ଞାନ ମେଳା ପାଇଁ କୋବି ମଞ୍ଜି ବ୍ୟବହାର କରି ଭୂତଳ ଜଳର ପୁନଃଭରଣ ପ୍ରକ୍ରିୟା ପ୍ରଦର୍ଶନ କରିବାକୁ ଏକ ମଡେଲ୍ ପ୍ରସ୍ତୁତ କରିଥିଲେ। ତେବେ ତାଙ୍କ କାମକୁ ଖୁବ ପ୍ରଶଂସା ମିଳିଥିଲା ।

ତେଣୁ ସେ ଅନ୍ୟ ଛାତ୍ରଙ୍କ କଥା ଚିନ୍ତା କରି ଗଠନ କରିଥିଲେ 'ଅରୋରା ଏକାଡେମୀ ଜର୍ଣ୍ଣାଲ୍', ଯାହା ଛାତ୍ରଙ୍କ କାର୍ଯ୍ୟ ପାଇଁ ପାଲଟିଥିଲା ନୂଆ ଦିଗନ୍ତ । 'ଡିସକର୍ଡ' ମାଧ୍ୟମରେ ସଂଯୋଗ ସ୍ଥାପନ କରି ସ୍ନେହଦୀପ ସମାନ ଚିନ୍ତାଧାରା ବିଶିଷ୍ଟ କିଶୋରମାନଙ୍କର ଏକ ବିଶ୍ୱସ୍ତରୀୟ ଟିମ୍ ଗଠନ କରିଥିଲେ, ଯେଉଁମାନେ ଯୁବ ଗବେଷକମାନଙ୍କ ପାଇଁ ନିଜର ଗବେଷଣା ପତ୍ର ପ୍ରକାଶ କରିବାକୁ ଏକ ପ୍ଲାଟଫର୍ମ ପ୍ରସ୍ତୁତ କଲେ। ପ୍ରଥମରୁ ଏଠିରେ ୧୫ଟି ଦେଶର ୪୦ ଜଣ ସଦସ୍ୟ ଥିଲେ । ଏଥିରେ ବିଭିନ୍ନ ପ୍ରକାର ସଦସ୍ୟ ଯେପରି ନୋବେଲ ବିଜେତାମାନେ ମଧ୍ୟ ସାମିଲ ହୋଇଥିଲେ । ଏହାପରେ ବିଶ୍ୱର ସବୁଠାରୁ କମ୍ ବୟସ୍କ ପ୍ରଧାନଶିକ୍ଷକ ବାବର ଅଲି ଏବଂ ନୋବେଲ ବିଜେତା ରବର୍ଟ ଲେଫକୋଭିଜଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସାକ୍ଷାତକାର ନିଆଯାଇଥିଲା। 'ଅରୋରା' କେବଳ ଏକ ଜର୍ଣ୍ଣାଲ୍ ହୋଇ ରହିଲା ନାହିଁ; ଏହା ଯୁବପିଢ଼ିଙ୍କ ଦ୍ୱାରା ପରିଚାଳିତ ଏକ ବୈଜ୍ଞାନିକ ଆନ୍ଦୋଳନରେ ପରିଣତ ହୋଇଥିଲା । ୨୦୨୧ ରେ ଔପଚାରିକ ଭାବେ ଏହି ସଂସ୍ଥାର ଜନ୍ମ ହୋଇଥିଲା । ଏହି ସମୟରେ ସେ ଓଡିଶା ଭୁବନେଶ୍ୱରର ମୋହିତଙ୍କୁ ଭେଟିଥିଲେ ଯିଏ କମ୍ପ୍ୟୁଟର ବିଜ୍ଞାନର ଛାତ୍ର ଥିଲେ । ଏହି ଟିମ୍ 'କ୍ୟୁବ୍‌ସାଟ୍' ନିର୍ମାଣର ତାତ୍ତ୍ୱିକ ଦିଗ ଉପରେ କାମ କରିବାକୁ ନିଷ୍ପତ୍ତି ନେଲେ । ଏଗୁଡ଼ିକ ହେଉଛି କ୍ଷୁଦ୍ରାକୃତି ସାଟେଲାଇଟ୍ ଯାହା ମୁଖ୍ୟତଃ





ଗବେଷଣା ପାଇଁ ବ୍ୟବହୃତ ହୁଏ ଏବଂ ଏହା ବିଶେଷ କରି ଗାମା ବିକିରଣ ଚିହ୍ନଟ କରିବାରେ ପାରଦର୍ଶିତା ହାସଲ କରିବ । ଏହି କ୍ଷେତ୍ରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ ବ୍ଲାକ୍ ହୋଲ୍ ଏବଂ ମହାକାଶରେ ହେଉଥିବା ବିସ୍ଫୋରଣ ଭଳି ରହସ୍ୟକୁ ବୁଝିବା ପାଇଁ ଗାମା ରଶ୍ମି ହେଉଛି ଏକମାତ୍ର ମାଧ୍ୟମ । ତଥାପି, ଭାରତରେ ଏହି କ୍ଷେତ୍ର ପାଇଁ ଉଦ୍ଦିଷ୍ଟ କୌଣସି ନିଜସ୍ୱ କ୍ୟୁବ୍‌ସାଟ୍ ନଥିଲା । ସେମାନଙ୍କର ନିର୍ମାଣ ଶୈଳୀ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ମହଙ୍ଗା ଏରୋସ୍ପେସ୍ ଭେଣ୍ଡରଙ୍କଠାରୁ ଯନ୍ତ୍ରାଂଶ କିଣିବା ପରିବର୍ତ୍ତେ, ସେମାନେ ସ୍ଥାନୀୟ ବଜାରରୁ ସାମଗ୍ରୀ ସଂଗ୍ରହ କରିଥିଲେ । ଏହି କ୍ୟୁବ୍‌ସାଟ୍‌ଗୁଡ଼ିକୁ ଏକ ସ୍ମାର୍ଟଫୋନ୍ ଆପ୍ ମାଧ୍ୟମରେ ନିୟନ୍ତ୍ରଣ କରାଯାଇପାରିବ। ଏହା ମହାକାଶରୁ ସିଧାସଳଖ ଭାବେ ଗାମା ବିକିରଣର ତଥ୍ୟ ପ୍ରଦାନ କରିବା ସହିତ କକ୍ଷପଥରୁ ଲାଇଭ୍ କ୍ୟାମେରା ଫିଡ୍ ମଧ୍ୟ ପଠାଇପାରିବ । ସ୍ନେହଦୀପ ଓ ମୋହିତଙ୍କ ଏହି ଅଭିନବ ପ୍ରୟାସ ମହାକାଶ ଗବେଷଣାକୁ ଅଧିକ ସୁଲଭ ଏବଂ ସାଧାରଣ ଲୋକଙ୍କ ପହଞ୍ଚ ମଧ୍ୟକୁ ଆଣିବା ପାଇଁ ଏକ ବଡ଼ ପଦକ୍ଷେପ ବୋଲି ବର୍ତ୍ତମାନ ଆଲୋଚନା ଜାରି ରହିଛି । ଆଗକୁ ଏହା ଉପରେ ଆହୁରି ଅଧିକ କାର୍ଯ୍ୟ କରାଯିବା ସହ ଏହାର ଆହୁରି ଲାଭ କିଭଳି ଉଠାଯାଇ ପାରିବ ସେନେଇ ପୁରା ଟିମ ଚେଷ୍ଟା ଚଳାଇଛନ୍ତି ।




# ବିଶ୍ୱକପ୍‌କୁ ବଏକଟ୍

ବାଂଲାଦେଶ କ୍ରିକେଟ୍ ବୋର୍ଡ ସୁରକ୍ଷା କାରଣ ଦର୍ଶାଇ ଭାରତରେ କ୍ରିକେଟ୍ ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲା । ଏହାପରେ ଆଇସିସି ଓ ବିସିବି ମଧ୍ୟରେ ଅନେକ ପର୍ଯ୍ୟାୟ ଆଲୋଚନା ହେଲା । ଆଇସିସି ସଦସ୍ୟ ଦେଶ ଭେନ୍ୟୁରେ ପରିବର୍ତ୍ତନ ନକରି ବିସିବିକୁ ନିଜ ଚୂଡ଼ାନ୍ତ ନିଷ୍ପତ୍ତି ଶୁଣାଇବାକୁ କହିଥିଲେ । ବାଂଲାଦେଶ ବୋର୍ଡ ନିଜ ଦେଶର ସରକାର ଏବଂ ଖେଳାଳିମାନଙ୍କ ସହିତ ପରାମର୍ଶ କରିବା ପରେ ନିଜ ମତ ବଜାୟ ରଖିଛି । ବିସିବି କହିଛି ଯେ ସେ ଟି-୨୦ ବିଶ୍ୱକପ୍ ଖେଳିବାକୁ ଚାହୁଁଛି, କିନ୍ତୁ ଭାରତରେ ନୁହେଁ । ଏହି ବୟାନ ପରେ, ବାଂଲାଦେଶ ଟି-୨୦ ବିଶ୍ୱକପ ନଖେଳିବା ଏକ ପ୍ରକାର ସ୍ପଷ୍ଟ ହୋଇଛି । ତେବେ ଏହା ପ୍ରଥମ ଥର ନୁହେଁ ଯେତେବେଳେ କୌଣସି ଦଳ କ୍ରିକେଟ୍ ବିଶ୍ୱକପ୍ କିମ୍ବା ଆଇସିସି ଇଭେଣ୍ଟକୁ ବହିଷ୍କାର କରୁଛି କିମ୍ବା ଅନ୍ୟ ଦେଶରେ ଖେଳିବାକୁ ମନା କରୁଛି । ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ଭଳି ଦଳ ଏହା କରିସାରିଛନ୍ତି ।

୧୯୯୬ ଦିନିକିଆ ବିଶ୍ୱକପ୍ ପୂର୍ବରୁ ସହ-ଆୟୋଜକ ଶ୍ରୀଲଙ୍କା ଗୃହଯୁଦ୍ଧ ସହିତ ସଂଘର୍ଷ କରୁଥିଲା । ଜାନୁଆରୀରେ କଲମ୍ବୋରେ ହୋଇଥିବା ବିସ୍ଫୋରଣ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାର ଦୁଇ ସପ୍ତାହ ପୂର୍ବରୁ ସୁରକ୍ଷା ଚିନ୍ତାକୁ ବୃଦ୍ଧି କରିଥିଲା । ସହ-ଆୟୋଜକ ସହିତ ଏକତା ପ୍ରଦର୍ଶନ କରିବା ପାଇଁ ଭାରତ ଏବଂ ପାକିସ୍ତାନର ଏକ ମିଳିତ ଏକାଦଶ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କଲମ୍ବୋରେ ଶ୍ରୀଲଙ୍କା ବିରୁଦ୍ଧରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ । କିନ୍ତୁ ଅଷ୍ଟ୍ରେଲିଆ ଏବଂ ୱେଷ୍ଟଇଣ୍ଡିଜ୍ ଶ୍ରୀଲଙ୍କା ବିପକ୍ଷରେ ସେମାନଙ୍କର ଗ୍ରୁପ୍ ମ୍ୟାଚ୍ ପାଇଁ କଲମ୍ବୋ ଯାତ୍ରା କରିବାକୁ ମନା କରିଦେଇଥିଲେ ଏବଂ ସେହି ମ୍ୟାଚ୍ ପାଇଁ ପଏଣ୍ଟ ହରାଇଥିଲେ । ଶ୍ରୀଲଙ୍କା ସହଜରେ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା । ଅଷ୍ଟ୍ରେଲିଆ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲେ । ଲାହୋରରେ ଫାଇନାଲ ଖେଳାଯାଇଥିଲା ।

୨୦୦୩ ଦିନିକିଆ ବିଶ୍ୱକପ୍ ଆଫ୍ରିକାରେ ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ କେନିଆ ଆୟୋଜକ ଥିଲେ । ଇଂଲଣ୍ଡ, ଜିମ୍ବାୱେର ହରାରେ ଖେଳିବାକୁ ମନା କରିଥିଲା । ବ୍ରିଟେନର ଟୋନି ବ୍ଲେୟାର ସରକାର ଜିମ୍ବାୱେରେ ରବର୍ଟ ମୁଗାବେଙ୍କ ସରକାରଙ୍କ ବିରୁଦ୍ଧରେ ଥିଲା । କିଛି ମାସ ପୂର୍ବରୁ ମୋମ୍ବାସା ବିସ୍ଫୋରଣ ପରେ ସୁରକ୍ଷା ଚିନ୍ତାର କାରଣ ଦର୍ଶାଇ ନ୍ୟୁଜିଲାଣ୍ଡ କେନିଆର ନାଇରୋବି ଯାତ୍ରା କରିବାକୁ ମନା କରିଥିଲା । ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡ ଉଭୟ ସେମାନଙ୍କ ମ୍ୟାଚ୍ ହରାରେ ଏବଂ ନାଇରୋବିରୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ଆଇସିସି ମନା କରି ଜିମ୍ବାୱେ ଏବଂ କେନିଆକୁ ୱାକଓଭର ଦେଇଥିଲା । ଇଂଲଣ୍ଡ ଶେଷରେ ବିଶ୍ୱକପର ପ୍ରଥମ ରାଉଣ୍ଡରେ ବାଦ ପଡ଼ିଥିଲା । ଗ୍ରୁପ୍ ବି'ରୁ ସୁପର ସିକ୍ସକୁ ନ୍ୟୁଜିଲାଣ୍ଡ ଉଠିଥିଲା । କେନିଆ ସେମିଫାଇନାଲରେ ପହଞ୍ଚିଥିଲା ।

ପାଞ୍ଚ ବର୍ଷ ଧରି ଜିମ୍ବାୱେ ଏବଂ ବ୍ରିଟେନ ସମ୍ପର୍କରେ ଉନ୍ନତି ହୋଇନଥିଲା । ଯଦି ଜିମ୍ବାୱେ ଖେଳାଳିମାନଙ୍କୁ ଟୁର୍ଣ୍ଣାମେଣ୍ଟ ପାଇଁ ଯାତ୍ରା ପାଇଁ ଭିସା ପ୍ରଦାନ କରାନଯାଏ, ତେବେ ଇଂଲଣ୍ଡ ୨୦୦୯ ଟି-୨୦ ବିଶ୍ୱକପ୍ ଆୟୋଜନ କରିବ କି ନାହିଁ ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଶେଷରେ ୨୦୦୮ ଜୁଲାଇରେ ଆଇସିସି ଏବଂ ଜିମ୍ବାୱେ ଏକ ଚୁକ୍ତିନାମାରେ ପହଞ୍ଚିଲେ । ଜିମ୍ବାୱେ ଖେଳର ସ୍ୱାର୍ଥ ପାଇଁ ଟୁର୍ଣ୍ଣାମେଣ୍ଟରୁ




ଓହରିଗଲା । ତେବେ ଜିମ୍ବାୱେକୁ ଏହାର ପୂର୍ଣ୍ଣ ଅଂଶଗ୍ରହଣ ଫି ଦିଆଯାଇଥିଲା ।

ଅକେଫାବର ୨୦୧୫ରେ, ସୁରକ୍ଷା ଚିନ୍ତା ଯୋଗୁଁ ଅଷ୍ଟ୍ରେଲିଆ ବାଂଲାଦେଶରେ ଏକ ଦ୍ୱିପାକ୍ଷିକ ସିରିଜରୁ ଓହରି ଯାଇଥିଲା ଏବଂ ୨୦୧୬ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ପର୍ଯ୍ୟନ୍ତ ଏହା ଜାରି ରହିଥିଲା । ସେତେବେଳେ ଆଇସିସି କହିଥିଲା ଯେ ଅଷ୍ଟ୍ରେଲିଆର ବାଂଲାଦେଶ ଯାତ୍ରା ନକରିବାର ନିଷ୍ପତ୍ତିରେ ନିରାଶ, କିନ୍ତୁ ଏହାକୁ ସେ ସମ୍ମାନ କରୁଛି । ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆର ସ୍ଥାନରେ ଆୟରଲାଣ୍ଡ ଖେଳିଥିଲା ।

ପାକିସ୍ତାନ ୨୯ ବର୍ଷ ପରେ ୨୦୨୫ରେ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ସ୍ଥିର କରିଥିଲା । ନଭେମ୍ବର ୨୦୨୧ରେ ୨୦୨୫ ଚାମ୍ପିଅନ୍ସ ଟ୍ରଫିର ଆୟୋଜକ ଭାବରେ ଘୋଷଣା କରାଯାଇଥିଲା । କିନ୍ତୁ ବଡ଼ ପ୍ରଶ୍ନ ଥିଲା ଯେ ଭାରତ ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ସେଠାକୁ ଯାତ୍ରା କରିବ କି ନାହିଁ ? ୨୦୦୮ ପରଠାରୁ ଭାରତ ପାକିସ୍ତାନରେ କୌଣସି ମ୍ୟାଚ୍ ଖେଳି ନଥିଲା । ୨୦୨୩ ଦିନିକିଆ ବିଶ୍ୱକପ୍ ପାଇଁ ପାକିସ୍ତାନ ଭାରତ ଗସ୍ତ କରିଥିଲା, କିନ୍ତୁ ଦୁଇ ବର୍ଷ ପରେ ଭାରତ ପାକିସ୍ତାନ ଯାତ୍ରା କରିବ କି ନାହିଁ ତାହା ସ୍ପଷ୍ଟ ନଥିଲା । ଟୁର୍ଣ୍ଣାମେଣ୍ଟ ପାଖେଇ ଆସିବା ପରେ, ବିସିସିଆଇ ଘୋଷଣା କରିଥିଲା ଯେ ସରକାରୀ ଅନୁମତି ନଥିବାରୁ ଭାରତ ଚାମ୍ପିଅନ୍ସ ଟ୍ରଫି ଖେଳିବା ପାଇଁ ପାକିସ୍ତାନ ଯାତ୍ରା କରିବ ନାହିଁ । ଦୁଇ ବୋର୍ଡ ଏବଂ ଆଇସିସି ମଧ୍ୟରେ ବ୍ୟାପକ ଆଲୋଚନା ପରେ, ୨୦୨୪-୨୦୨୭ ପାଇଁ ଏକ ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ, ଭାରତ କିମ୍ବା ପାକିସ୍ତାନ ଦ୍ୱାରା ଆୟୋଜିତ ଯେକୌଣସି ଆଇସିସି ଟୁର୍ଣ୍ଣାମେଣ୍ଟ ଏକ ନିରପେକ୍ଷ ସ୍ଥାନରେ ଖେଳାଯିବ । ଏହାପରେ ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଭାରତର ମ୍ୟାଚ୍ ଦୁବାଇରେ ଖେଳାଯାଇଥିଲା ଏବଂ ଭାରତ ଟୁର୍ଣ୍ଣାମେଣ୍ଟ ଜିତିଥିଲା । ୨୦୨୬ ଟି-୨୦ ବିଶ୍ୱକପରେ ପାକିସ୍ତାନ କେବଳ ଶ୍ରୀଲଙ୍କାରେ ତାର ସମସ୍ତ ମ୍ୟାଚ୍ ଖେଳିବ ।



# ପୁଣି ଭାଙ୍ଗିଗଲା ଚହଲଙ୍କ ହୃଦୟ

ଭାରତୀୟ କ୍ରିକେଟରଯୁଜଭେନ୍ଦ୍ର ଚହଲ ତାଙ୍କରଉତ୍କୃଷ୍ଟବୋଲିଂପାଇଁଜଣାଶୁଣା । ସେ ତାଙ୍କ ବୃତ୍ତିଗତ ଅପେକ୍ଷା ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି । ଏଥରଯୁଜଭେନ୍ଦ୍ର ଚହଲ ପୁଣି ଥରେ ତାଙ୍କ ପର୍ସନାଲ ଲାଇଫକୁ ନେଇ ଲାଇମ୍ ଲାଇଟକୁ ଆସିଛନ୍ତି । ଯାହା ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରୁଛି । ଯୁଜଭେନ୍ଦ୍ର ଚହଲ ୨୦୨୦ ମସିହାରେ କୋରିଓଗ୍ରାଫର ଏବଂ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଧନଶ୍ରୀ ବର୍ମାଙ୍କୁ ବିବାହ କରିଥିଲେ । କିନ୍ତୁ, ୨୦୨୫ ମସିହାରେ ସେମାନଙ୍କର ଛାଡପତ୍ର ହୋଇଥିଲା । ଯାହା ପରେ ସେମାନେ ଅଲଗା ହୋଇଯାଇଥିଲ । କିନ୍ତୁ, ପରବର୍ତ୍ତୀ ସମୟରେ ତାଙ୍କର ନାଁ ଆରଜେ ମହଭାଶଙ୍କ ସହ ଯୋଡା ହୋଇଥିଲା । ପ୍ରକୃତରେ, ଧନଶ୍ରୀ ବର୍ମାଙ୍କ ଠାରୁ ଛାଡପତ୍ର ପରେ,ଯୁଜବେନ୍ଦ୍ର ଚହଲଙ୍କୁ ଅନେକ ଥର ଆରଜେ ମହଭାଶଙ୍କ ସହିତ ଦେଖାଯାଇଥିଲା । ଯାହା ଡେଟିଂ ଗୁଜବ ଆହୁରି ଖୋରାକ ଯୋଗାଇ ଥିଲା । ଏକ ପଡକାଷ୍ଟରେ ଚହଲ କହିଥିଲେ ଯେ ମହଭାଶ କେବଳ ଜଣେ ବନ୍ଧୁ ଏବଂ କଷ୍ଟକର ସମୟରେ ତାଙ୍କ ସହିତ ଥିଲେ ।

ସବୁଠାରୁ ବଡ କଥା ସେମାନେ ସୋସିଆଲ ମିଡିଆରେ ପରସ୍ପରକୁ ଅନଫଲୋ କରିଛନ୍ତି । ପ୍ରଶଂସକମାନେ ଲକ୍ଷ୍ୟ କରିଛନ୍ତି ଯେ ସେମାନଙ୍କ ମଧ୍ୟରୁ କେହି ଆଉ ଇନଷ୍ଟାଗ୍ରାମରେ ପରସ୍ପରକୁ ଫଲୋ କରୁନାହାଁନ୍ତି । ଯାହାକୁ ନେଇ ଏବେ ଚର୍ଚ୍ଚା ଖୁବ୍ ବଢିଯାଇଛି କି କାହିଁକି ଏହା ଘଟିଲା । ପ୍ରଶଂସକମାନେ ଭାବୁଛନ୍ତି ଯେ, କିଛି ସମୟ ପୂର୍ବରୁ ସେମାନେ ଏକାଠି ନଜର ଆସିଥିଲେ ଏବଂ ପରସ୍ପରକୁ ଭଲ ବନ୍ଧୁ ବୋଲି କହୁଥିଲେ, କିନ୍ତୁ ଏବେ ସେମାନେ ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ କରିଦେଇଛନ୍ତି । ତେବେ, କ'ଣ ସେମାନଙ୍କ ବନ୍ଧୁତାରେ ଫାଟ ସୃଷ୍ଟି ହୋଇଯାଇଛି ।

୨୦୨୫ ମସିହାର ଚାମ୍ପିଅନ୍ସ ଟ୍ରଫି ସମୟରେଯୁଜବେନ୍ଦ୍ର ଚହଲ ଏବଂ ଆରଜେ ମହଭାଶଙ୍କୁ ଏକାଠି ଦେଖିବା ପରେ ସେମାନଙ୍କ ମଧ୍ୟରେ ସମ୍ପର୍କର ଗୁଜବ ଆହୁରି ତୀବ୍ର ହୋଇଥିଲା । ସେମାନଙ୍କର ଏକାଠି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଯୁଜଭେନ୍ଦ୍ର ଚହଲ ଏବଂ ଆରଜେ ମହଭାଶ ଉଭୟ ଅନଫଲୋିଂ ଉପରେ କୌଣସି କମେଣ୍ଟ ଦେଇନାହାଁନ୍ତି । ପ୍ରଶଂସକମାନେ ସ୍ପଷ୍ଟୀକରଣ ଏବଂ ଏ ବିଷୟରେ କୌଣସି ସୂଚନା ପାଇଁ ଅପେକ୍ଷା କରିଛନ୍ତି । ଉଭୟ ପୂର୍ବରୁ ସମ୍ପର୍କରେ ଥିବା କଥାକୁ ଅସ୍ୱୀକାର କରିଛନ୍ତି ।

**ନେହା କକ୍କର ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ତେବେ ଏହି ଚର୍ଚ୍ଚାରେ ନେହା ନିଜର ନୂଆ ଗୀତ ପାଇଁ ନୁହେଁ ବରଂ କ୍ୟାରିୟରରୁ ନେଉଥିବା ବ୍ରେକ ପାଇଁ ରହିଛନ୍ତି । ଏହା ତାଙ୍କ ଅଗଣିତ ଫ୍ୟାନଙ୍କୁ ନିରାଶ କରିଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି ।**

# କ୍ୟାରିୟରରୁ ବ୍ରେକ



ବର୍ତ୍ତମାନ ସମୟର ଚର୍ଚ୍ଚିତ ବଲିଉଡ ଗାୟିକା ନେହା କକ୍କର ନିଜର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରୁ କିଛି ସମୟ ପାଇଁ ବିରତି ନେଉଥିବା ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ନିକଟରେ ସେ ସୋସିଆଲ ମିଡିଆରେ ଏକ ଭାବପ୍ରବଣ ପୋଷ୍ଟ ଶେୟାର କରି ଜଣାଇଥିଲେ ଯେ, ସେ କାମ, ସମ୍ପର୍କ ଏବଂ ଦାୟିତ୍ୱରୁ ଦୂରେଇ ରହି ଶାନ୍ତିରେ ସମୟ ବିତାଇବାକୁ ଚାହୁଁଛନ୍ତି । ଏପରିକି ସେ ପାପାରାଜି ଏବଂ ପ୍ରଶଂସକମାନଙ୍କୁ ତାଙ୍କର ଗୋପନୀୟତା ରକ୍ଷା କରିବାକୁ ଏବଂ ତାଙ୍କୁ ଫଟୋ ନ ଉଠାଇବାକୁ ଅନୁରୋଧ କରିଛନ୍ତି । ତାଙ୍କର ନୂଆ ଗୀତ 'କ୍ୟାଣ୍ଡି ସପ୍' ପାଇଁ ହୋଇଥିବା ପ୍ରବଳ ଟ୍ରୋଲିଂ ଏହି ନିଷ୍ପତ୍ତି ପଛର ଏକ କାରଣ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି । ସଫଳତାର ଶୀର୍ଷରେ ପହଞ୍ଚିଥିବା ନେହା କକ୍କରଙ୍କ ଜୀବନ କାହାଣୀ ଅତ୍ୟନ୍ତ ସଂଘର୍ଷମୟ ଥିଲା । ଋଷିକେଶର ଏକ ସାଧାରଣ ପରିବାରରେ ଜନ୍ମିତ ନେହାଙ୍କ ପିଲାଦିନ ଆଦୌ ସହଜ ନଥିଲା । ଏପରିକି ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଏତେ ଖରାପ ଥିଲା ଯେ ନେହା ମାତ୍ର ୪ ବର୍ଷ ବୟସରୁ ନିଜ ଭଉଣୀ ସୋନୁ କକ୍କରଙ୍କ ସହ ଜାଗରଣ ଓ ଭଜନ ସମାରୋହରେ ଗୀତ ଗାଇବା ଆରମ୍ଭ କରିଥିଲେ । ସେ ସମୟରେ ଜଣେ ଗାୟିକା ଭାବେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ସେ କଠିନ ପରିଶ୍ରମ କରିଥିଲେ । ନେହାଙ୍କ ସଫଳତାର ଯାତ୍ରା ୨୦୦୫ ମସିହାରେ 'ଇଣ୍ଡିଆନ୍ ଆଇଡଲ୍ - ସିଜନ୍ ୨' ରୁ ଆରମ୍ଭ ହୋଇଥିଲା, ଯଦିଓ ସେ ସେଠାରୁ ଶୀଘ୍ର ବାଦ୍ ପଡ଼ିଥିଲେ କିନ୍ତୁ ସେ ହାର ମାନିନଥିଲେ । ପରବର୍ତ୍ତୀ ସମୟରେ 'ସେକେଣ୍ଡ ହ୍ୟାଣ୍ଡ ଜୱାନି', 'ଲଣ୍ଡନ ଥୁମକଦା', ଏବଂ 'କାଲା ଚଷମା' ଭଳି ସୁପରହିଟ୍ ଗୀତ ଦେଇ ସେ ବଲିଉଡର ଏକ ନମ୍ବର ଗାୟିକା ଭାବେ ନିଜକୁ ପ୍ରତିଷ୍ଠିତ କରିଥିଲେ । ସେ କେବଳ ଗାୟିକା ନୁହଁନ୍ତି, ବରଂ 'ଇଣ୍ଡିଆନ୍ ଆଇଡଲ୍' ଭଳି ଶୋ'ରେ ବିଚାରକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ନେହାଙ୍କ ପରିବାରରେ ତାଙ୍କ ଭଉଣୀ ସୋନୁ କକ୍କର ଏବଂ ଭାଇ ଟୋନି କକ୍କର ମଧ୍ୟ ସଙ୍ଗୀତ ଦୁନିଆରେ ବେଶ୍ ଜଣାଶୁଣା । ୨୦୨୦ ମସିହାରେ ସେ ଗାୟକ ରୋହନପ୍ରୀତ ସିଂଙ୍କୁ ବିବାହ କରିଥିଲେ । ସେ ସବୁବେଳେ ନିଜ ପରିବାରକୁ ନିଜର ବଡ଼ ଶକ୍ତି ବୋଲି ମାନନ୍ତି । ବର୍ତ୍ତମାନର ଏହି ବିରତି ତାଙ୍କ ମାନସିକ ଶାନ୍ତି ପାଇଁ ଆବଶ୍ୟକ ବୋଲି ତାଙ୍କ ପ୍ରଶଂସକମାନେ ଆଶା କରୁଛନ୍ତି ଏବଂ ସେ ପୁଣି ଥରେ ନୂଆ ଉତ୍ସାହର ସହ ଫେରିଆସନ୍ତୁ ବୋଲି ଶୁଭେଚ୍ଛା ଜଣାଉଛନ୍ତି ।